CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୪୭ ◆ ଭୁବନେଶ୍ୱର ◆ ସୋମବାର ◆ ଜୁଲାଇ ୧୩ରୁ ଜୁଲାଇ ୧୯, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-47 ◆ Bhubaneswar ◆ Monday ◆ July 13 to July 19, 2026 ◆ Page-8 ◆ Price Rs.4.00

## ସୁସ୍ଥ ହେଲେ ଶ୍ରୀଜିଉ, ଗଜପତିଙ୍କୁ କରାଗଲା ଅବଗତ

ଭୁବନେଶ୍ୱର,(ଜା.ପ୍ର): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ମହାପ୍ରଭୁ ଦିବ୍ୟସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ଗତକାଲି ଏକାଦଶୀ ତିଥିରେ ଖଳିଲାଗି ଓ ଦଶମୂଳ ମୋଦକ ସେବନ କରି ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଅଣସରରେ ଆଜି ଦ୍ୱାଦଶୀ ତିଥିରେ ଶ୍ରୀଜିଉମାନଙ୍କର ଅନୁଷ୍ଠିତ ହୋଇଛି ରାଜପ୍ରାସାଦ ବିଜେ ନୀତି। ମହାପ୍ରଭୁ ଏବେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିବା ବେଳେ ଏହି ଖବର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଅବଗତ କରାଯାଇଛି। ଶ୍ରୀମନ୍ଦିରରେ ସକାଳ ଧୂପ ନୀତି ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ବେହେରଣ ଦ୍ୱାର ଫିଟିବା ସହ ଶ୍ରୀମନ୍ଦିରରୁ ଶ୍ରୀନଅରକୁ ରାଜପ୍ରସାଦ ବିଜେ କରାଯାଇଥିଲା। ମହାପ୍ରଭୁ ଏବେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିବା ବେଳେ ଏହି ଖବର ଗଜପତି ମହାରାଜାଙ୍କୁ ସୂଚିତ କରାଇବା ନିମନ୍ତେ ଦଇତାପତି ଓ ବିଦ୍ୟାପତି ଶ୍ରୀଜୀଉଙ୍କ ପ୍ରସାଦ ରୂପେ କରାଳ, ଚନ୍ଦନ, ପାଟବସ୍ତ୍ରକୁ ନେଇ ଶ୍ରୀମନ୍ଦିରରୁ ଶ୍ରୀନହରକୁ ବିଜେ କରିଥିଲେ। ପରେ ଗଜପତିଙ୍କ ଶ୍ରୀହସ୍ତ ଛୁଆଁ ବସ୍ତ୍ର ବା ଶାଢୀକୁ ମୁଣ୍ଡରେ ବାନ୍ଧିଥିଲେ ଦଇତାପତି ସେବକ। ଯାହାକୁ ଶାଢୀବନ୍ଧା ନୀତି କୁହାଯାଏ। ଅନ୍ୟପଟେ ଗଜପତିଙ୍କ ସହ ଶୃଙ୍ଖଳିତ ରଥଯାତ୍ରା ପାଇଁ ସେବାୟତ ମାନେ ଆଲୋଚନା କରିଥିଲେ। ଅଣସର ଘରେ ନୂତନ ଭାବରେ ଶ୍ରୀବିଗ୍ରହ ମାନଙ୍କର ଅଙ୍ଗଗଠନ ପୂର୍ବରୁ, ତାଙ୍କ ଶ୍ରୀଅଙ୍ଗରୁ ଯେଉଁସବୁ ଚନ୍ଦନ, କରାଳ, ପାଟଡୋର ଇତ୍ୟାଦିକୁ ବାହାର କରି ଦିଆଯାଇଥାଏ, ସେହିଥିରୁ କିଛିକୁ ରୁପାଥାଳିରେ ପଟୁଆର ସହ ଶ୍ରୀନଅରକୁ ନିଆଯାଇଥିଲା। ଘଣ୍ଟ, ଛତା ଓ କାହାଳୀ ଆଦି ସହିତ ସେହି ପଟୁଆର ଯାଇଥିଲା।ଶ୍ରୀନଅରରେ ଉପସ୍ଥିତ ହେବା ପରେ ସେଠାରେ ରାଜାଙ୍କ ଛୁଆଁ ଶାଢ଼ୀମାନ ଦଇତା, ପତିମହାପାତ୍ର, ତଢାଉ, ଦେଉଳ କରଣ ଓ ତଳିଛ ମହାପାତ୍ର ପ୍ରଦାନ କରିଥିଲେ। ସେଠାରେ ଗଜପତି ମହାରାଜା ପ୍ରସାଦ ସେବନ ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ସୁସ୍ଥତା ସଂପର୍କରେ ଗଜପତିଙ୍କୁ ଅବଗତ କରିବା ସହ ରଥଯାତ୍ରା ଓ ଗୁପ୍ତନୀତି ସଂପର୍କରେ ସୂଚନା ଦେଇଥିଲେ।

# ଆମେରିକାର ଆକ୍ରମଣ-ଇରାନ୍‌ର ପ୍ରତିଆକ୍ରମଣ

## ପୁଣି ବନ୍ଦ ହେଲା ହର୍ମୁଜ୍

ତେହରାନ୍, ୱାଶିଂଟନ୍, (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚଳିତ ସପ୍ତାହକ ମଧ୍ୟରେ ସବୁଠାରୁ ଭୟଙ୍କର ଗୁଳି ବିନିମୟ ହୋଇଛି। ରିପୋର୍ଟ ଅନୁସାରେ ଇରାନ ପକ୍ଷରୁ ହର୍ମୁଜ ପ୍ରଣାଳୀ ବନ୍ଦ କରାଯିବା ଏବଂ ଏକ ବେସାମରିକ ମାଲବାହୀ ଜାହାଜକୁ ଅଚଳ କରାଯିବା ପରେ ଉଭୟ ପକ୍ଷ ପରସ୍ପରର ଅନେକ ସାମରିକ ଘାଟିକୁ ଟାର୍ଗେଟ୍ କରିଛନ୍ତି। ତେବେ ଏସବୁ ମଧ୍ୟରେ ଇରାନ୍ ପୁନର୍ବାର ହର୍ମୁଜ୍ ପ୍ରଣାଳୀକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ବନ୍ଦ କରିଦେଇଛି। ଇରାନ୍ ଘୋଷଣା କରିଛି ଯେ, ପରବର୍ତ୍ତୀ ନିର୍ଦ୍ଦେଶ ଜାରି ନହେବା ଯାଏ ହର୍ମୁଜ୍ ମାର୍ଗ ସମସ୍ତ ବ୍ୟବସାୟିକ କାର୍ଯ୍ୟକଳାପ ପାଇଁ ବନ୍ଦ ରହିବ।




'ତସନିମ ନ୍ୟୁଜ୍ ଏଜେନ୍ସି' ଅନୁଯାୟୀ, ଦକ୍ଷିଣ ଇରାନ ଉପରେ ଆମେରିକାର ବ୍ୟାପକ ବୋମା ବିସ୍ଫୋରଣର ପ୍ରତିଶୋଧ ନେଇଛି ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)। ରବିବାର ସକାଳେ ଇରାନର ସଶସ୍ତ୍ର ବାହିନୀ ପାରସ୍ୟ ଉପସାଗରରେ ଥିବା ଆମେରିକାର ସାମରିକ ଘାଟି ଯେପରିକି ଜୋର୍ଡାନ, କତାର, କୁଏତ, ବାହାରିନ ଏବଂ ଓମାନ ଉପରକୁ ଅତିକମ୍‌ରେ ତିନିଟି ପର୍ଯ୍ୟାୟରେ ବିପୁଳ ସଂଖ୍ୟାରେ ମିସାଇଲ ଏବଂ ଡ୍ରୋନ୍ ମାଡ଼ କରିଛି। ଇରାନ୍ ପୂର୍ବରୁ ଆମେରିକା ସେନା ମଧ୍ୟ ଦାବି କରିଛି ଯେ, ହର୍ମୁଜ ପ୍ରଣାଳୀ ଦେଇ ଯାତ୍ରା କରିବାକୁ ଚେଷ୍ଟା କରୁଥିବା ସାଇପ୍ରସ୍‌ର ପତାକାଧାରୀ ଏକ କଣ୍ଟେନର ଜାହାଜ ଉପରେ ଆଇଆର୍‌ଜିସି ଆକ୍ରମଣ କରିବା ପରେ ଆମେରିକା, ଇରାନ୍ ଉପରେ ଆକ୍ରମଣ ଜାରି ରଖିଛି। ସଦ୍ୟତମ ଆକ୍ରମଣ ଭାବେ ଶନିବାର ବିଳମ୍ବିତ ରାତିରେ ଏହାର ସେନା ଆକାଶମାର୍ଗରୁ ଇରାନ୍ ଅନେକ ସାମରିକ ତଥା ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରଗୁଡ଼ିକରେ ଭୟାବହ ଆକ୍ରମଣ କରିଛି।

ପ୍ରକାଶ, ଚଳିତ ସପ୍ତାହ ଆରମ୍ଭରେ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ୩ କଣ୍ଟେନର ଜାହାଜଗୁଡ଼ିକ ଉପରକୁ ଆଇଆର୍‌ଜିସି ଚେତାବନୀ ସୂଚକ ଗୁଳି ଚଳାଇବା ପରେ ୱାଶିଂଟନ ସହ ଉତ୍ତେଜନା ବୃଦ୍ଧି ପାଇଥିଲା। ଇରାନ୍‌ର ଏପ୍ରକାର ଆକ୍ରମଣ ପରେ ପରେ ହିଁ ଆମେରିକା ତୁରନ୍ତ ଆକ୍ରମଣ କରିବା ଆରମ୍ଭ କରିଥିଲା ଏବଂ ପରେ ଟ୍ରମ୍ପ, ଯୁଦ୍ଧ ବିରତି ଅବଧି ଶେଷ ହୋଇଥିବା ନେଇ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଇରାନ ଜିଦ୍ ଧରିଛି ଯେ ସମସ୍ତ ମାଲବାହୀ ଜାହାଜ ଓମାନ ଉପକୂଳ ଦେଇ ଦକ୍ଷିଣ ପଟେ ନଯାଇ ଏହାର ଉପକୂଳ ନିକଟବର୍ତ୍ତୀ ଉତ୍ତର ମାର୍ଗ ଦେଇ ଗତି କରନ୍ତୁ। କିନ୍ତୁ ଆମେରିକା ଏବଂ ଓମାନ୍ ମିଳିତ ଭାବେ ଏକ ବିକଳ୍ପମାର୍ଗରେ ଜାହାଜ ଚଳାଚଳ କରାଇବାକୁ ଚେଷ୍ଟା କରୁଛନ୍ତି।

ଗତ ୮ ତାରିଖରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଇରାନ୍ ସହ ଯୁଦ୍ଧ ଅବଧି (୬୦ ଦିନିଆ) ସମାପ୍ତ ହେବା ନେଇ ଘୋଷଣା କରିବା ପର ଠାରୁ ଦୁଇ ଦେଶ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଛି। ବିଶେଷକରି ଶନିବାର ଦିନ ଇରାନ ବାହିନୀ ଓମାନ ନିକଟରେ ପ୍ରଣାଳୀ ଦେଇ ଗତି କରୁଥିବା ସାଇପ୍ରସର ପତାକାଧାରୀ କଣ୍ଟେନର ଜାହାଜ ଏମ୍‌ଭି ଜିଏଫ୍‌ଏସ୍ ଗାଲାକ୍ସି ଉପରେ ଆକ୍ରମଣ କରିବାକୁ ନେଇ ବିବାଦ ଅଧିକ ଉଗ୍ର ହୋଇପଡ଼ିଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଅନୁଯାୟୀ, ଜାହାଜର ଇଞ୍ଜିନ ରୁମ୍ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି ଏବଂ ଜଣେ ବେସାମରିକ କ୍ରୁ ସଦସ୍ୟ ନିଖୋଜ ଅଛନ୍ତି, ଯାହାଙ୍କୁ ସମୁଦ୍ରରେ ଖୋଜାଯାଉଛି। ଇରାନ୍‌ର ଏହି ଆକ୍ରମଣର ଜବାବ ଦେବାକୁ ଆମେରିକା ସେନା ଇରାନ୍ ଉପରେ ଆକ୍ରମଣ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ପ୍ରାୟ ୧୪୦ଟି ଇରାନ ସାମରିକ ଆଡ୍ଡା ଉପରେ ଆକ୍ରମଣ କରାଯାଇଛି, ଯାହାଦ୍ୱାରା 'ବେସାମରିକ ନାବିକ ଏବଂ ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ଇରାନର ଆକ୍ରମଣ କରିବାର କ୍ଷମତାକୁ ହ୍ରାସ କରାଯାଇପାରିବ, ବୋଲି ସେଣ୍ଟକମ୍ କହିଛି।

ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଏପ୍ରକାର ତିକ୍ତତା ମଧ୍ୟରେ ଯୁଦ୍ଧ ପରିସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିଛି। ଏହା ଜୁନ୍ ୧୭ ରେ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ୧୪-ଦଫା ସମ୍ମତି ପତ୍ର (ଏମ୍‌ଓୟୁ) ପରଠାରୁ ଚାଲିଥିବା ଶାନ୍ତି ଆଲୋଚନାର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ନିଶାମୁକ୍ତ ଓଡ଼ିଶା ପାଇଁ ମାଷ୍ଟର୍ ପ୍ଲାନ୍

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟକୁ ନିଶାମୁକ୍ତ କରିବା ଦିଗରେ ଓଡ଼ିଶା ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ନିଶାଦ୍ରବ୍ୟର ବ୍ୟବହାର ହ୍ରାସ, ସଚେତନତା ବୃଦ୍ଧି, ଚିକିତ୍ସା, ପୁନର୍ବାସ ଓ ସମାଜରେ ପୁନଃ ଅନ୍ତର୍ଭୁକ୍ତିକୁ ଲକ୍ଷ୍ୟ କରି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୪ କୋଟି ୬୨ ଲକ୍ଷ ଟଙ୍କାର ସଂଶୋଧିତ ରାଜ୍ୟ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସ୍‌ଏସ୍‌ଇପିଡି) ପକ୍ଷରୁ ନ୍ୟାସନାଲ ଆକ୍ସନ ପ୍ଲାନ୍ ଫର୍ ଡ୍ରଗ୍ ଡିମାଣ୍ଡ ରିଡକ୍ସନ୍ (ଏନଏପିଡିଡିଆର) ଅଧୀନରେ ଏହି ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି।

ବିଭାଗୀୟ ଅତିରିକ୍ତ ସଚିବ ସୋନିଆ ବେହେରାଙ୍କ ସୂଚନା ଅନୁଯାୟୀ, କାର୍ଯ୍ୟ ଯୋଜନାରେ ସଚେତନତା ସୃଷ୍ଟି, ସମୁଦାୟ ଭିତ୍ତିକ ହସ୍ତକ୍ଷେପ, କ୍ଷମତା ବିକାଶ, ଚିକିତ୍ସା ଓ ପୁନର୍ବାସ, ଗଣଯୋଗାଯୋଗ ଅଭିଯାନ ସହ କାର୍ଯ୍ୟକ୍ରମର ନିରନ୍ତର ନିରୀକ୍ଷଣକୁ ପ୍ରାଥମିକତା ଦିଆଯାଇଛି। ଏଥିରୁ କେବଳ ସଚେତନତା ଓ ପ୍ରତିଷେଧମୂଳକ କାର୍ଯ୍ୟକ୍ରମ ପାଇଁ ୧ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟ କରିବାର ପ୍ରସ୍ତାବ ରହିଛି । ଯୋଜନା ଅନୁସାରେ ରାଜ୍ୟର ୧୫୦ଟି ସ୍କୁଲ୍ ଓ କଲେଜରେ ନିଶାବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସେହିପରି 'ଗୁଡ୍ ଚଏସ କ୍ଲବ୍' ବା ଆଣ୍ଟି-ଡ୍ରଗ କ୍ଲବ ଗଠନ, ପ୍ରବନ୍ଧ, ବିତର୍କ, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାର ବ୍ୟବସ୍ଥା କରାଯିବ। ଏହା ସହ ୩୦ଟି ଜିଲ୍ଲାରେ ସଚେତନତା ରାଲି, ମାରାଥନ, ୱାକାଥନ ଓ ସାଇକେଲ ରାଲି ଆୟୋଜନ ସହ ବିଶ୍ୱବିଦ୍ୟାଳୟ ଏବଂ ମେଡିକାଲ୍ କଲେଜଗୁଡ଼ିକରେ ଯୁବ ସମ୍ପୃକ୍ତି କାର୍ଯ୍ୟକ୍ରମ ମଧ୍ୟ ଚାଲିବ। ସମୁଦାୟ ସ୍ତରରେ ନିଶା ନିରାକରଣକୁ ସୁଦୃଢ଼ କରିବା ପାଇଁ ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ ଆଣ୍ଟି-ଡ୍ରଗ୍ କମିଟି ବୈଠକ ଆୟୋଜନ କରାଯିବ। ଏହା ବ୍ୟତୀତ ୩୦୦ଟି ପଞ୍ଚାୟତରେ ସଚେତନତା ଅଭିଯାନ ଏବଂ ପ୍ରତି ଜିଲ୍ଲାରେ ୫୦ ଜଣ ଲେଖାଏଁ 'ନିଶା ମୁକ୍ତ ମିତ୍ର'ଙ୍କୁ ନେଇ ମୋଟ ୧,୫୦୦ ସ୍ୱେଚ୍ଛାସେବୀଙ୍କ ମୋବିଲାଇଜେସନ୍ କାର୍ଯ୍ୟକ୍ରମ କରାଯିବ। ଏହି ଉପାଦାନ ପାଇଁ ୭୬.୪୦ ଲକ୍ଷ ଟଙ୍କା ବ୍ୟୟ ଧାର୍ଯ୍ୟ କରାଯାଇଛି । ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ପୁଲିସ ଓ ଅବକାରୀ ବିଭାଗର ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିସହ ପରିବାର ପରାମର୍ଶ ଶିବିର, ପୁନଃ ନିଶାସେବନ ରୋକିବା ପାଇଁ କ୍ୟାମ୍ପ, ବୃତ୍ତିଗତ ପୁନର୍ବାସ ସହାୟତା ଏବଂ ନିଶାମୁକ୍ତ ବ୍ୟକ୍ତିଙ୍କ ସାମାଜିକ ପୁନଃଅନ୍ତର୍ଭୁକ୍ତି ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯିବ। ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପୋଷ୍ଟର, ପ୍ରଚାର ପୁସ୍ତିକା, କାର୍ଟୁନ ଚିତ୍ର, ଅଡିଓ-ଭିଜୁଆଲ ଫିଲ୍ମ, ରେଡିଓ ବାର୍ତ୍ତା ଓ ସୋସିଆଲ ମିଡିଆ ଅଭିଯାନ ପାଇଁ ୫୦ ଲକ୍ଷ ଟଙ୍କା ବ୍ୟୟ ପ୍ରସ୍ତାବ ରହିଛି । ଅନ୍ୟପକ୍ଷରେ ରାଜ୍ୟ ସେଲ ପରିଚାଳନା, ଜିଲ୍ଲାସ୍ତରୀୟ ମନିଟରିଂ, ତ୍ରୈମାସିକ ସମୀକ୍ଷା ବୈଠକ ଏବଂ ତୃତୀୟ ପକ୍ଷ ମୂଲ୍ୟାଙ୍କନ ପାଇଁ ୮୪.୨୦ ଲକ୍ଷ ଟଙ୍କା ବ୍ୟୟ କରାଯିବାର ପ୍ରସ୍ତାବ ରହିଛି। ବିଭାଗ ପକ୍ଷରୁ ପଠାଯାଇଥିବା ପ୍ରସ୍ତାବରେ କୁହାଯାଇଛି ଯେ, କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ଏହି ଯୋଜନାକୁ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ କରାଯିବ।

CMYK

ଜାତୀୟ ଚେତନା
JATIYA CHETANA



## ରାମମନ୍ଦିର ଦାନ ଅର୍ଥ ଚୋରି ଘଟଣା: ଗୁମର ଖୋଲୁଛି ଏସ୍ଆଇଟି ରିପୋର୍ଟ

# ୪୦ ଦିନରେ ୭୦ ଥର ଚୋରି

ଅଯୋଧ୍ୟା, (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରର ଦାନ ବାକ୍ସରୁ ଟଙ୍କା ଚୋରି ମାମଲାରେ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ନିଜର ପ୍ରାଥମିକ ରିପୋର୍ଟ ଉତ୍ତରପ୍ରଦେଶ ସରକାରଙ୍କୁ ହସ୍ତାନ୍ତର କରିଛି। ଏହି ରିପୋର୍ଟରେ ଚୋରିର ସାଂଘାତିକ ରଣନୀତି ଏବଂ ମନ୍ଦିର ପ୍ରଶାସନର ଆଉ ଏକ ବଡ଼ ଦୁର୍ନୀତି ସାମ୍ନାକୁ ଆସିଛି। ଏସ୍ଆଇଟି ତଦନ୍ତ ସମୟରେ ଜାଣିବାକୁ ପାଇଛି ଯେ, ୪୦ ଦିନ ମଧ୍ୟରେ ପ୍ରାୟ ୭୦ ଥର ଚୋରି ହୋଇଛି। ଏସ୍ଆଇଟି ତଦନ୍ତ ଅନୁଯାୟୀ, ୨୦୨୬ ଅପ୍ରେଲ ୨୭ରୁ ଜୁନ୍ ୫ ମଧ୍ୟରେ (ପ୍ରାୟ ୪୦ ଦିନ ମଧ୍ୟରେ) ଦାନ ଗଣତି କରୁଥିବା କର୍ମଚାରୀମାନେ ମୋଟ ୭୦ ଥର ଚୋରି କରିଛନ୍ତି। ଅଭିଯୁକ୍ତମାନେ କେତେକ ଦିନରେ ଦୁଇଥର ଏବଂ ପ୍ରାୟ ୫ଟି ଭିନ୍ନ ଭିନ୍ନ ଦିନରେ ଦିନକୁ ୩ ଥର ଲେଖାଏଁ ଦାନ ଟଙ୍କା ହଡ଼ପ କରିଥିବା ଏସ୍ଆଇଟି ଅଧିକାରୀମାନେ ଜାଣିବାକୁ ପାଇଛନ୍ତି।

ତଦନ୍ତ ସମୟରେ ଏସ୍ଆଇଟି ଅଧିକାରୀମାନଙ୍କୁ ସାକ୍ଷ୍ୟମାନେ ସୂଚନା ଦେଇଛନ୍ତି ଯେ, ପୂର୍ବରୁ ଦାନ ଟଙ୍କା ଗଣତି ଦିନକରେ ଦୁଇ ଥର ଅର୍ଥାତ୍ ଦୁଇଟି ସିଫ୍ଟରେ ହେଉଥିଲା (ସକାଳ ୬ରୁ ଦ୍ୱିପହର ୨ ଏବଂ ଦ୍ୱିପହର ୨ ରୁ ସନ୍ଧ୍ୟା ୯)। ତଦନ୍ତରୁ ଜଣାପଡ଼ିଛି ଯେ ସମସ୍ତ ୭୦ଟି ଯାକ ଚୋରି କେବଳ ସନ୍ଧ୍ୟା ସିଫ୍ଟ ସମୟରେ ହିଁ ହୋଇଥିଲା।



ଟଙ୍କା ଗଣତି କରୁଥିବା କର୍ମଚାରୀମାନେ ନୋଟ୍ ଗଣିବି ଏବଂ ଖୁଚୁରା ଟଙ୍କା, ସୁନା-ରୂପା ଅଳଙ୍କାର ଆଦିକୁ ଅତି ଚତୁରତାର ସହ ନିଜ ପକେଟ, ପୋଷାକ ଏବଂ ଜୋତା ଭିତରେ ଲୁଚାଇ ବାହାରକୁ ନେଇଯାଉଥିଲେ। ସିସିଟିଭି ଫୁଟେଜ୍, ଅଭିଯୁକ୍ତଙ୍କ ବୟାନ ଏବଂ ସାକ୍ଷ୍ୟଙ୍କ ପ୍ରମାଣ ଆଧାରରେ ଏସ୍ଆଇଟି ଏହି ଦୁର୍ନୀତିର ପର୍ଦ୍ଦାଫାସ କରିଛି। ତଦନ୍ତ ସଂସ୍ଥା ଅଭିଯୁକ୍ତ ଅଭିନାଶ ଶୁକ୍ଳାଙ୍କୁ ଏହି ସିଣ୍ଡିକେଟ୍‌ର ମୁଖ୍ୟ ଭାବେ ଦର୍ଶାଇଛି। ସେ ଏହି ୭୦ଟି ଚୋରି ମଧ୍ୟରୁ ୫୦ରୁ ଅଧିକ ଚୋରିରେ ସିଧାସଳଖ ସାମିଲ ଥିଲେ। ତାଙ୍କ ମାସିକ ଦରମା ମାତ୍ର ୨୦,୦୦୦ ଟଙ୍କା ହୋଇଥିବା ବେଳେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ କୋଟି କୋଟି ଟଙ୍କାର କାରବାର ମିଳିଛି। ତାଙ୍କ ନିକଟରୁ ୨୦.୩୯ ଲକ୍ଷ ନଗଦ, ୧,୧୨୧ ଆମେରିକୀୟ ଡଲାର, ସୁନା-ରୂପା ଗହଣା ଏବଂ ଏକ ଦାମୀ ଏସଟ୍ ଗାଡ଼ି ମଧ୍ୟ ଜବତ କରାଯାଇଥିଲା।

ଏତଦ୍‌ବ୍ୟତୀତ ଏସ୍ଆଇଟି ରିପୋର୍ଟରେ ରାମ ମନ୍ଦିର ଟ୍ରଷ୍ଟର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରାଯାଇଛି। ଏସ୍ଆଇଟି ଅନୁସାରେ ଟଙ୍କା ଗଣତି ହେଉଥିବା ଗୃହରେ ସୁରକ୍ଷା ଯାଞ୍ଚ ବ୍ୟବସ୍ଥାକୁ ଜାଣିଶୁଣି ଅତି ଦୁର୍ବଳ କରାଯାଇଥିଲା। କାଉଣ୍ଟିଂ ରୁମ୍‌ର କେତେକ ସ୍ଥାନରେ ସିସିଟିଭି କ୍ୟାମେରାର ନଜର ପହଞ୍ଚି ପାରୁନଥିଲା, ଯାହାର ଫାଇଦା ଅଭିଯୁକ୍ତମାନେ ଉଠାଉଥିଲେ। ଏପରିକି ଦାନ ହୁଣ୍ଡି ବାକ୍ସର ଚାବି ମଧ୍ୟ କିଛି ଅନଧିକୃତ କର୍ମଚାରୀଙ୍କ ହାତକୁ ସହଜରେ ଚାଲିଯାଉଥିଲା।

ସୂଚନାଯୋଗ୍ୟ, ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ଅଭିନାଶ ଶୁକ୍ଳା, ଅନୁକଲ୍ପ ମିଶ୍ର, ଲବକୁଶ ମିଶ୍ର, କରୁଣେଶ ପାଣ୍ଡେଙ୍କ ସମେତ ମୋଟ ୮ ଜଣ କର୍ମଚାରୀଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଛି ଏବଂ ଏମାନଙ୍କ ଠାରୁ ପ୍ରାୟ ୭୯.୮୫ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି। ସେହିପରି ଏହି ବଡ଼ ସ୍କାମ୍ ସାମ୍ନାକୁ ଆସିବା ପରେ ନୈତିକତା ଦୃଷ୍ଟିରୁ ଏବଂ ଜନ ଅସନ୍ତୋଷ ଯୋଗୁଁ 'ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ'ର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଅନ୍ୟତମ ବରିଷ୍ଠ ସଦସ୍ୟ ଅନିଲ ମିଶ୍ର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି।

# 'ଜିଏଫ୍ଏସ୍ ଗାଲାକ୍ସି' ଉପରେ ଆଇଆର୍‌ଜିସିର ଆକ୍ରମଣ

ତେହରାନ୍, ୱାଶିଂଟନ୍,(ଏଜେନ୍ସି): ଓମାନ ଉପକୂଳ ଏବଂ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ନିକଟରେ 'ଜିଏଫ୍ଏସ୍ ଗାଲାକ୍ସି' ନାମକ ଏକ ସାଇପ୍ରସ-ପତାକାଧାରୀ କଣ୍ଟେନର ଜାହାଜ ଉପରେ ଇରାନର ସାମରିକ ବାହିନୀ ଆଇଆର୍‌ଜିସି ଆକ୍ରମଣ କରିଛି। ଇରାନର ଦାବି ଅନୁଯାୟୀ, ସ୍ଥାନୀୟ ସମୟ ଅନୁସାରେ ରବିବାର ସକାଳୁ ଜାହାଜଟି ନିର୍ଦ୍ଧାରିତ ରୁଟ୍ ମାନିନଥିଲା ଏବଂ ଚେତାବନୀକୁ ଅଣଦେଖା କରିବାରୁ ସେମାନେ ଏହା ଉପରକୁ ଗୁଳି ଚଳାଇଥିଲେ। ତେବେ ଏହି ଆକ୍ରମଣ ଯୋଗୁଁ ଜାହାଜର ଇଞ୍ଜିନ ରୁମ୍‌ରେ ଭୟାବହ ନିଆଁ ଲାଗିଯାଇଥିଲା ଏବଂ ଜାହାଜର କ୍ରୁ ମେମ୍ବରମାନେ ଜାହାଜ ଛାଡ଼ି ପଳାଇବାକୁ ବାଧ୍ୟ ହୋଇଥିଲେ।



ରିପୋର୍ଟ ଅନୁସାରେ ଏହି ଏହି ଜାହାଜରେ ମୋଟ ୧୧ ଜଣ ଭାରତୀୟ ନାଗରିକ କାର୍ଯ୍ୟ କରୁଥିଲେ। ଯେତେବେଳେ ଆଇଆର୍‌ଜିସି ପକ୍ଷରୁ ଆକ୍ରମଣ ହେଲା ଏବଂ ଜାହାଜଟିରେ ନିଆଁ ଲାଗିଗଲା ସେତେବେଳେ ଜାହାଜର ଅନ୍ୟ କର୍ମଚାରୀମାନଙ୍କ ସହ ଏହି ଭାରତୀୟ ନାଗରିକମାନେ ମଧ୍ୟ ଜୀବନ ବଞ୍ଚାଇବାକୁ ସମୁଦ୍ରକୁ ଡେଇଁ ପଡ଼ିଥିଲେ। ତେବେ ୧୧ ଭାରତୀୟ ନାଗରିକଙ୍କ ମଧ୍ୟରୁ ୧୦ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ଜଣେ ଭାରତୀୟ କ୍ରୁ ସଦସ୍ୟ ଏବେ ମଧ୍ୟ ନିଖୋଜ ଅଛନ୍ତି। ଓମାନ ପ୍ରଶାସନ ସହାୟତାରେ ତାଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ଜାହାଜ ଉପରେ ଏପ୍ରକାର ଆକ୍ରମଣକୁ ଭାରତ ତୀବ୍ର ନିନ୍ଦା କରିଛି ଏବଂ ଗଭୀର ଚିନ୍ତା ପ୍ରକଟ କରିବା ସହ ଇରାନ୍ ଉଦ୍ଦେଶ୍ୟରେ ଏକ ଦୃଢ଼ ବିବୃତି ଜାରି କରିଛି। ମଧ୍ୟପ୍ରାଚ୍ୟ ଅଞ୍ଚଳରେ ସାଧାରଣ ବାଣିଜ୍ୟିକ ଜାହାଜ ଏବଂ ନାଗରିକମାନଙ୍କ ଉପରେ ହେଉଥିବା ଏଭଳି ଆକ୍ରମଣକୁ ଭାରତ ଅତ୍ୟନ୍ତ ଚିନ୍ତାଜନକ ବୋଲି କହିଛି। ଅନ୍ୟପକ୍ଷେ ଭାରତର ବୈଦେଶିକ ମନ୍ତ୍ରାଳୟ (ଏମ୍ଇଏ) ଓମାନରେ ଥିବା ଭାରତୀୟ ଦୂତାବାସ ମାଧ୍ୟମରେ ନିଖୋଜ ଥିବା ଭାରତୀୟ ନାବିକଙ୍କୁ ଉଦ୍ଧାର କରିବା ପାଇଁ ଓମାନ ସରକାରଙ୍କ ସହ ସିଧାସଳଖ ସମ୍ପର୍କ କରିଛନ୍ତି। ଭାରତ ସରକାର ସମସ୍ତ ପକ୍ଷଙ୍କୁ ଉତ୍ତେଜନା ହ୍ରାସ କରିବାକୁ ଏବଂ ଆଲୋଚନା ମାଧ୍ୟମରେ କୂଟନୈତିକ ସମାଧାନ ବାହାର କରି ସେହି ଅଞ୍ଚଳରେ ଶାନ୍ତି ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି। ଅନ୍ତର୍ଜାତୀୟ ନିୟମ ଅନୁଯାୟୀ ସାମୁଦ୍ରିକ ବାଣିଜ୍ୟ ପାଇଁ ଜଳପଥ ସମ୍ପୂର୍ଣ୍ଣ ମୁକ୍ତ ଓ ସୁରକ୍ଷିତ ରହିବା ଉଚିତ ବୋଲି ଭାରତ ଜୋର ଦେଇଛି।

# ଲର୍ଡ୍ସରେ ଯାସ୍ତିକା ପ୍ରଥମ ଶତକଧାରୀ ମହିଳା

ଲଣ୍ଡନ,(ଏଜେନ୍ସି): ଲର୍ଡ୍ସରେ ଖେଳାଯାଉଥିବା ପ୍ରଥମ ମହିଳା ଟେଷ୍ଟରେ ଭାରତ ମଜଭୁତ ସ୍ଥିତିରେ ପହଞ୍ଚିଛି। ତୃତୀୟ ଦିନ ଭାରତ ଦ୍ୱିତୀୟ ଇନିଂସ୍ ୨୪୧/୭ ରନ୍‌ରେ ଘୋଷଣା କରିବା ସହିତ ୪୫୬ ରନ୍‌ରେ ଆଗୁଆ ହୋଇଥିଲା। ୱିକେଟ୍‌କିପର ବ୍ୟାଟର ଯାସ୍ତିକା ଭାଟିଆ ୧୫୮ ବଲ୍‌ରେ ୧୧୩ ରନ୍‌ର ଇନିଂସ୍ ଖେଳିଛନ୍ତି। ଏହା ସହିତ ଲର୍ଡ୍ସରେ ଶତକ ହାସଲ କରିବାରେ ସେ ପ୍ରଥମ ମହିଳା କ୍ରିକେଟର୍ ହୋଇଛନ୍ତି। ଜବାବରେ ଷ୍ଟମ୍ପ ବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସ୍‌ରେ ୬ ୱିକେଟ୍ ହରାଇ ୧୩୦ ରନ୍ କରି ୩୨୬ ରନ୍‌ରେ ପଛୁଆ ରହିଛି। ଆମି ଜୋନ୍ସ ୫୨ ଏବଂ ସୋଫି ଏକ୍‌ଲେଷ୍ଟୋନ୍ ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ପୂର୍ବରୁ ମାଇଆ ବାଉଚିୟର୍ ୨, ଟାମି ବ୍ୟୁମୋଣ୍ଟ ୦, ହିଥର୍ ନାଇଟ୍ ୧୩, ନାଟ୍ ସିଭର୍-ବ୍ରଣ୍ଟ ୧୧, ଆଲିସ୍ କାପ୍‌ସି ୨୧ ଏବଂ ମ୍ୟାଡି ଭିଲିୟର୍ସ ୨୬ ରନ୍ କରି ଆଉଟ୍ ହୋଇଥିଲେ। ଭାରତ ପକ୍ଷରୁ ସୟାଲୀ ସତ୍‌ଘରେ, କ୍ରାନ୍ତି ଗୌଡ଼ ଏବଂ ସ୍ନେହ ରାଣା ୨-୨ ୱିକେଟ୍ ନେଇଛନ୍ତି।




ଭାରତ ତୃତୀୟ ଦିନର ଆରମ୍ଭ ୧୫୪/୧ ସ୍କୋରରୁ କରିଥିଲା। ସ୍ମୃତି ମନ୍ଧାନା (୭୦), ଜେମିମା ରୋଡ୍ରିଗ୍ସ (୩) ଏବଂ କ୍ୟାପଟେନ୍ ହରମନପ୍ରୀତ୍ କୌର (୧୬) ଆଉଟ୍ ହେବା ପରେ ଯାସ୍ତିକା ଇନିଂସ୍ ସମ୍ଭାଳିଥିଲେ। ସେ ପ୍ରଥମେ ୧୪୫ ରନ୍‌ରେ ନିଜର ପ୍ରଥମ ଟେଷ୍ଟ ଶତକ ପୂରଣ କରିଥିଲେ ଏବଂ ପରେ ୧୧୩ ରନ୍ କରି ସୋଫି ଏକ୍‌ଲେଷ୍ଟୋନଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଯାସ୍ତିକାଙ୍କ ଇନିଂସ୍‌ରେ ୧୪ ଶତକ ସାମିଲ ଥିଲା। ସେ ସ୍ମୃତି ମନ୍ଧାନାଙ୍କ ସହ ୭୩ ଏବଂ ଦୀପ୍ତି ଶର୍ମାଙ୍କ ସହ ୫୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହା ପରେ ଦୀପ୍ତି ଶର୍ମା ୧୦, ସ୍ନେହ ରାଣା ୧ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ଶେଷରେ ରିଚା ଘୋଷ ୫୨ ବଲ୍‌ରେ ୫୦ ଏବଂ ସୟାଲୀ ସତ୍‌ଘରେ ୧୮ ରନ୍‌ରେ ଅପରାଜିତ ଫେରିଥିଲେ। ଓପନ୍ର ସ୍ମୃତି ମନ୍ଧାନା ୧୩୦ ବଲ୍‌ରେ ୯ ଚୌକା ଓ ଗୋଟିଏ ଛକା ସହାୟତାରେ ୭୦ ରନ୍ କରିଥିଲେ। ପ୍ରଥମ ଇନିଂସ୍‌ରେ ମଧ୍ୟ ମନ୍ଧାନା ୮୩ ରନ୍‌ର ଇନିଂସ୍ ଖେଳିଥିଲେ। ଇଂଲଣ୍ଡ ପକ୍ଷରୁ ସୋଫି ଏକ୍‌ଲେଷ୍ଟୋନ୍ ୫ ୱିକେଟ୍ ହାସଲ କରିଥିବା ବେଳେ ଲରେନ୍ ବେଲଙ୍କୁ ଦୁଇଟି ସଫଳତା ମିଳିଥିଲା।

# ନେପାଳରେ ପୁଣି ଜେନ୍-ଜି ବିକ୍ଷୋଭ

କାଠମାଣ୍ଡୁ, (ଏଜେନ୍ସି): ନେପାଳ ଯୁବପିଢ଼ିଙ୍କ ମଧ୍ୟରେ ବଢ଼ୁଥିବା ଅସନ୍ତୋଷ ପୁଣିଥରେ ରାଜପଥରେ ଦେଖିବାକୁ ମିଳିଛି। ଗତ ତିନି ଦିନ ମଧ୍ୟରେ ତିନିଜଣ ଯୁବକ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ବେଳେ ଜଣେ ଯୁବକ ଗୁରୁତର ଭାବେ ପୋଡ଼ିଯାଇ ଡାକ୍ତରଖାନାରେ ଭର୍ତ୍ତି ଅଛନ୍ତି। ଦେଶରେ ଏପ୍ରକାର ଘଟଣା ବଢ଼ି ଚାଲିଥିବା ବେଳେ ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହା 'ବାଲେନ୍'ଙ୍କ ଇସ୍ତଫା ଦାବି ମଧ୍ୟ ଜୋର ଧରିଛି।

ଗୋଟିଏ ପଟେ ରାଜଧାନୀ କାଠମାଣ୍ଡୁରେ ଯୁବକମାନେ ପ୍ରତିବାଦ ପ୍ରଦର୍ଶନ କରୁଥିବା ବେଳେ ବିରୋଧୀ ଦଳ 'ନେପାଳୀ କଂଗ୍ରେସ' ସରକାରଙ୍କ ଉପରେ ଯୁବପିଢ଼ିଙ୍କ ମନରେ ଆଶା ଓ ବିଶ୍ୱାସ ସୃଷ୍ଟି କରିବାରେ ବିଫଳ ହୋଇଥିବା ଅଭିଯୋଗ ଆଣିଛି। 'ଜେନ୍-ଜି ନେପାଳ' ନାମକ ଏକ ସଂଗଠନ ପ୍ରଧାନମନ୍ତ୍ରୀ ବାଲେନ୍ ଶାହାଙ୍କ ଉପରେ ଜନବିରୋଧୀ ଏବଂ ସ୍ୱେଚ୍ଛାଚାରୀ ଭାବେ ଶାସନ ଚଳାଉଥିବା ଅଭିଯୋଗ କରିଛି। ସଂଗଠନର କହିବା ଅନୁଯାୟୀ, ବଜେଟ୍ ଏବଂ ସରକାରୀ ନୀତିଗୁଡ଼ିକରେ ଯୁବକମାନଙ୍କ ନିଯୁକ୍ତି ତଥା ରୋଜଗାର ବଢ଼ାଇବା ପାଇଁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନାହିଁ। ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ବାବୁରାମ ଭଟ୍ଟରାଇ ଏହି ଘଟଣା ଉପରେ ଗଭୀର ଶୋକ ପ୍ରକାଶ କରି କହିଛନ୍ତି ଯେ, ଏହା କୌଣସି ବ୍ୟକ୍ତିଗତ ଆତ୍ମହତ୍ୟା ନୁହେଁ, ବରଂ ଦେଶର ସାମଗ୍ରିକ ବ୍ୟବସ୍ଥାର ବିଫଳତା। ଦେଶରେ ଲକ୍ଷ ଲକ୍ଷ ଯୁବକ ବେକାର ଅଛନ୍ତି ଏବଂ ସରକାର ଏହି ବଡ଼ ସମସ୍ୟାକୁ ସମାଧାନ ନକରି ଏହାକୁ ଚାପି ରଖିବାକୁ ଚେଷ୍ଟା କରୁଛନ୍ତି। ଅନ୍ୟପଟେ ବିରୋଧୀ ଦଳ 'ନେପାଳୀ କଂଗ୍ରେସ' ଏବଂ ସିପିଏନ୍-ୟୁଏମ୍ଏଲ୍ ମଧ୍ୟ ବାଲେନ୍ ସରକାରଙ୍କୁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି।

# ଆସନ୍ତା ବର୍ଷ ଗଡ଼ିବ ପ୍ରଥମ ବୁଲେଟ୍ ଟ୍ରେନ୍

ନୂଆଦିଲ୍ଲୀ,(ଏଜେନ୍ସି): ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍ ସେବା ଅଗଷ୍ଟ ୧୫, ୨୦୨୭ରୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ଷମ ହେବ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ଏସମ୍ପର୍କରେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ମୁମ୍ବାଇ ଏବଂ ଅହମଦାବାଦ ମଧ୍ୟରେ ପ୍ରଥମ ସେକ୍ସନ୍ ବୁଲେଟ୍ ଟ୍ରେନ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି, ଯାହାକି ଆସନ୍ତା ବର୍ଷ କାର୍ଯ୍ୟକ୍ଷମ ହେବ। ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ପ୍ରାୟ ୮୦ ପ୍ରତିଶତ କାମ ଶେଷ ହୋଇସାରିଛି ଏବଂ ସ୍ଥିରୀକୃତ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ୫୦୮ କିଲୋମିଟର ବିଶିଷ୍ଟ ମୁମ୍ବାଇ-ଅହମଦାବାଦ ହାଇ ସ୍ପିଡ୍ ରେଲ୍ (ଏମ୍ଏଚ୍ଏସ୍ଆର୍) କରିଡରର ସୁରଟ-ବିଲିମୋରା ସେକ୍ସନ ଦେଶର ପ୍ରଥମ ହାଇ-ସ୍ପିଡ୍ ରେଳ ମାର୍ଗ ଭାବେ ଆରମ୍ଭ ହେବାକୁ ଯାଉଛି। ଏହା ଦୁଇଟି ଆର୍ଥିକ କେନ୍ଦ୍ର ମଧ୍ୟରେ ଯାତ୍ରା ସମୟକୁ ଯଥେଷ୍ଟ ହ୍ରାସ କରିବ। ଏହାସହ ଦେଶରେ ଉନ୍ନତ ରେଳ ପ୍ରଯୁକ୍ତିବିଦ୍ୟାର ପ୍ରତିଷ୍ଠା କରିବ ଏବଂ ଆଞ୍ଚଳିକ ଯୋଗାଯୋଗକୁ ମଧ୍ୟ ସୁଦୃଢ଼ କରିବ ବୋଲି ରେଳମନ୍ତ୍ରୀ କହିଛନ୍ତି। ପ୍ରକାଶ, ଏହି କରିଡର ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ଶ୍ରୀ ବୈଷ୍ଣବ କହିଛନ୍ତି, ମୁମ୍ବାଇ-ଅହମଦାବାଦ୍ କରିଡର ପରେ ପରେ, ପର୍ଯ୍ୟାୟକ୍ରମେ ଭାପିରୁ ସୁରଟ, ଭାପିରୁ ଅହମଦାବାଦ, ଅହମଦାବାଦରୁ ଥାନେ ଏବଂ ଶେଷରେ ଅହମଦାବାଦରୁ ମୁମ୍ବାଇ ମଧ୍ୟରେ ସ୍ପିଡ୍ ରେଳ ମାର୍ଗ ପ୍ରକଳ୍ପ ମଧ୍ୟ ସମାପ୍ତ କରାଯିବ। ପୁଣେ ଏବଂ ହାଇଦ୍ରାବାଦକୁ ସଂଯୋଗ କରୁଥିବା ପ୍ରଥମ ପ୍ରକଳ୍ପ ଯାତ୍ରା ସମୟକୁ ଦୁଇ ଘଣ୍ଟା ହ୍ରାସ କରିବ; ହାଇଦ୍ରାବାଦରୁ ମୁମ୍ବାଇ ଯାତ୍ରା ପାଇଁ ୨ ଘଣ୍ଟା ୫୦ ମିନିଟ, ହାଇଦ୍ରାବାଦରୁ ଅମରାବତୀ ୧ ଘଣ୍ଟା ୧୦ ମିନିଟ, ହାଇଦ୍ରାବାଦରୁ ଚେନ୍ନାଇ ୩ ଘଣ୍ଟା ଏବଂ ହାଇଦ୍ରାବାଦରୁ ବେଙ୍ଗାଲୁରୁ ୨ ଘଣ୍ଟା ୩୫ ମିନିଟ ସମୟ ଲାଗିବ। କେନ୍ଦ୍ରମନ୍ତ୍ରୀଙ୍କ ଅନୁସାରେ ତିନୋଟି ପ୍ରମୁଖ ବୁଲେଟ୍ ଟ୍ରେନ୍ କରିଡର ଆରମ୍ଭ ହେବ।

ଜାତୀୟ ଚେତନା
JATIYA CHETANA



# ବିଜେପିରେ ମିଶିଲେ ପ୍ରଭାତ ବିଶ୍ୱାଳ

## ବିଜେଡିରେ ଭୂକମ୍ପ ସୃଷ୍ଟି ହୋଇଛି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ଜା.ପ୍ର): ପ୍ରଭାତ ବାବୁ ବିଜେପିରେ ମିଶିବା ବିଜେଡିରେ ଭୂକମ୍ପ ସୃଷ୍ଟି କରିଛି। ୬ ଦିନ ହେଲା ବିଜେଡି ନେତା କଟକରେ ଡେରା ପକାଇଛନ୍ତି, କେହି ଯେମିତି ନ ଯିବେ ଚେଷ୍ଟା କରୁଛନ୍ତି। ଯେତେ ବନ୍ଧ ବାନ୍ଧିଲେ ବି କାଠଯୋଡ଼ି ଡେଇ ପାଣି ବିଜେପି କାର୍ଯ୍ୟାଳୟରେ ମିଶିଛି। ଲୋକେ ଆଉ ବିଜେଡିକୁ ଚାହୁଁନାହାନ୍ତି। ଆମ ସରକାର ଲୋକଙ୍କ ସରକାର ହୋଇ କାମ କରୁଛି । କଥା ଦେଇ କଥା ରଖିବା ସହ କଥା ଦେଇ କଥା ରଖିଥିବା ସରକାର ପାଖକୁ ଆସିଛନ୍ତି ପ୍ରଭାତ ବାବୁ ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ପ୍ରଭାତ ବିଶ୍ୱାଳଙ୍କ ମିଶ୍ରଣ ପର୍ବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଦୁଇ ଦଶନ୍ଧିର ବିଜେଡି ସହ ସମ୍ପର୍କ କାଟି ପଦ୍ମ ପୋଖରୀରେ ଡିଆଁ ମାରିଛନ୍ତି କଟକ-ଚୌଦ୍ୱାରର ତିନି ତିନି ଥର ବିଧାୟକ ପ୍ରଭାତ ବିଶ୍ୱାଳ। ଶହ ଶହ ସମର୍ଥକଙ୍କ ସହ ରାଜ୍ୟ ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ ପ୍ରଭାତ। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଅନ୍ୟ ପଦାଧିକାରୀଙ୍କ ଉପସ୍ଥିତିରେ ଧରିଛନ୍ତି ପଦ୍ମ। ପ୍ରଭାତଙ୍କ ସହ ବିଜେପିରେ ଚୌଦ୍ୱାର-କଟକର ଅନେକ ବିଜେଡି ନେତା ସାମିଲ ହୋଇଛନ୍ତି।

ମିଶ୍ରଣ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଓଡ଼ିଶାରେ ବିଜେପିର ଜୟଯାତ୍ରାର ଆଉ ଗୋଟିଏ ଫର୍ଦ୍ଦ ଆଜି ଯୋଡ଼ି ହୋଇଛି। ବିଜେଡି ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳଙ୍କ ଯୋଗଦାନ ପରେ ବିଜେପିର ସଂଗଠନ ସଶକ୍ତ ହୋଇଛି। ତାଙ୍କର ସାଂଗଠନିକ ଦକ୍ଷତା ତଥା ଲୋକସଂପର୍କ ଆମ ଦଳକୁ ଜିଲ୍ଲାରେ ଶକ୍ତିଶାଳୀ କରିବ। ପ୍ରଥମେ ରାଷ୍ଟ୍ର, ତାପରେ ଦଳ, ଶେଷରେ ବ୍ୟକ୍ତି ହେଉଛି ଆମ ଦଳର ମୂଳମନ୍ତ୍ର। ଏହି ବିଚାରାଧାରାରୁ ଆମେ ତିଳେହେଲେ ବିଚ୍ୟୁତ ନହୋଇ ଗୁଣ୍ଡୁଚି ମୂଷା ଭଳି ରାଷ୍ଟ୍ର ଗଠନ କାର୍ଯ୍ୟରେ ଲାଗିରହିଛୁ। ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ ମନ୍ତ୍ରରେ ଆକର୍ଷିତ ହୋଇ ଅନ୍ୟ ଦଳର ଅନେକ ନେତା ଆମ ଦଳରେ ଯୋଗଦାନ କରିଛନ୍ତି। ଗତ ୨୪ ମାସରେ ଆମ ସରକାର ଯେଉଁ ଯୁଗାନ୍ତକାରୀ ଯୋଜନାର ସଫଳ କ୍ରିୟାନ୍ୱୟନ ଏବଂ ପଦକ୍ଷେପ ନେଇଛନ୍ତି, ତାହା ଗତ ୨୪ ବର୍ଷରେ ସମ୍ଭବ ହୋଇନଥିଲା। ଆମ ଦଳ କୌଣସି ବ୍ୟକ୍ତି କୈନ୍ଦ୍ରିକ ଦଳ ନୁହେଁ, ଏହା କାର୍ଯ୍ୟକ୍ରମ ଆଧାରିତ ଏବଂ ଗଣତାନ୍ତ୍ରିକ ପରମ୍ପରା ଅନୁସାରେ ପରିଚାଳିତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ ପ୍ରଭାତ ବିଶ୍ୱାଳଙ୍କ ଯୋଗଦାନ କଟକ ଜିଲ୍ଲାରେ ବିଜେପିର ସଂଗଠନକୁ ଅଧିକ ସୁଦୃଢ଼ କରିବ।

ଆଜିର ମିଶ୍ରଣ ପର୍ବରେ କଟକ ମହାନଗର ନିଗମର କର୍ପୋରେଟର ପଦ୍ମିନୀ ସାହୁ, ମିନା ସାହୁ, ଚୌଦ୍ୱାର ପୌରପାଳିକା କାଉନ୍‌ସିଲର ସୁଜାତା ସାହୁ, ଟାଙ୍ଗୀ ଚୌଦ୍ୱାର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁପ୍ରିୟା ଜେଠୀ, ସରପଞ୍ଚ ଶୈଳବାଳା ନାୟକ, ଦିଲୀପ କୁମାର ଭୋଇ, ନମିତା ମଲ୍ଲିକ, ସମିତିସଭ୍ୟା ବନ୍ଦନା ସ୍ୱାଇଁ, ରୀତା ରାଉତ, କଟକ ପୂର୍ବତନ କର୍ପୋରେଟର ଧର୍ମାନନ୍ଦ ପାତ୍ର, କଟକ ଜିଲ୍ଲା ବିଜେଡି ସାଧାରଣ ସଂପାଦକ ଏମ୍ ଡି ଫରିଦ, ମହେନ୍ଦ୍ର ନାୟକ, ନାଗୁଣୀ ଚରଣ ମହାନ୍ତି, ରମାକାନ୍ତ ଲେଙ୍କା, ଇଂ. ଆଶିଷ କୁମାର ସ୍ୱାଇଁ, ସୁଭେନ୍ଦୁ ସେନଗୁପ୍ତା ପ୍ରମୁଖ ବିଜେଡି ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ବିଜେପିରେ ଯୋଗଦାନ କରିଛନ୍ତି ।

ସେହିପରି ବିଶ୍ୱଭାରତୀ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ.ବୈଷ୍ଣବ ଚରଣ ସାମଲ, ୧୮୨ ବରିଷ୍ଠ ନାଗରିକ ସଂଘର ସଭାପତି ଡ. ପ୍ରଫେସର କୃପାସିନ୍ଧୁ ପଣ୍ଡା, ଏନ୍‌ଏଚ୍ କଟକ ସର୍କଲର ଅବସରପ୍ରାପ୍ତ ସଭାପତି ଡ. ପ୍ରଫେସର ଅନଙ୍ଗ ଦ୍ୱିବେଦୀ, ଓଡ଼ିଶା ଉଚ୍ଚନ୍ୟାୟାଳୟ ଅବସରପ୍ରାପ୍ତ ବିଚାରପତି ନୃସିଂହ ଚରଣ ଷଡ଼ଙ୍ଗୀ, ଖଣ୍ଡାୟତ-କ୍ଷେତ୍ରୀୟ ମହାସଂଘ ଅବସରପ୍ରାପ୍ତ ସମ୍ପାଦକ ଶ୍ୟାମସୁନ୍ଦର ସାମଲ, ଓୟୁଏଟିର ପୂର୍ବତନ ଡିନ୍ ବୈଜ୍ଞାନିକ ପ୍ରଫେସର ସଞ୍ଜୟ ସାମନ୍ତରାୟ, ପୂର୍ବାଞ୍ଚଳ କଲ୍ୟାଣ ସମିତି ସଭାପତି, ଅବସରପ୍ରାପ୍ତ ଏସ୍‌ପି ତୁଷାର ଦାସ, କଟକ ଏସ୍‌ସିବି ମେଡିକାଲ କଲେଜର ଅବସରପ୍ରାପ୍ତ ଏଚ୍‌ଓଡି (ମେଡିସିନ)ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ ପୂର୍ବତନ ଉପଦେଷ୍ଟା ଦିଲ୍ଲିପ କୁମାର ସାହୁ, କଟକ ପୂର୍ବାଞ୍ଚଳ ଶାନ୍ତିକମିଟି ସଭାପତି ବିଜୟ କୁମାର ସାହୁ, କଟକ ଜିଲ୍ଲା ବିଜେଡିର ପୂର୍ବତନ ଜିଲ୍ଲା ଉପସଭାପତି ଶରତ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ସାହୁ, ଏମ୍‌ଡି ଦିଲସାଦ୍, କଟକ ଗୁରୁଦ୍ୱାରା କମିଟିର ସଭାପତି ଗୁରୁଦେବ ସିଂହ, ସମ୍ପାଦକ ନଚ୍ଚତର ସିଂହ, ଉପଦେଷ୍ଟା ସୁକଦେବ ସିଂହ ପ୍ରମୁଖ ବିଜେପିରେ ଯୋଗଦାନ କରିଛନ୍ତି। ସେହିପରି ଯୋଡ଼ା ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁଙ୍କ ସମେତ କାଉନସିଲର ଭାନୁମତି ବାନା, ସୁମିତ୍ରା କାରୁଆ, ଶୁଭମ ନାୟକ, ବରୁଣ ଆପତା, ନିଳମଣୀ ମୁଣ୍ଡା, ପ୍ରମୋଦ ବେହେରା ପ୍ରମୁଖ ବିଜେଡି ଛାଡ଼ି ବିଜେପିରେ ଯୋଗଦାନ କରିଛନ୍ତି।

ଏହି ଅବସରରେ କଟକ ସଦର ବିଧାୟକ ପ୍ରକାଶ ସେଠୀ, ରାଜ୍ୟ ସାଧାରଣ ସଂପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସଂପାଦକ ସରୋଜ କର, ସ୍ମୃତି ପଟ୍ଟନାୟକ, କଟକ ଜିଲ୍ଲା ସଭାପତି (ନଗର) ସୁକାନ୍ତ ବିଶ୍ୱାଳ ଓ ପ୍ରଭାରୀ ଜ୍ଞାନଦେବ ବେଉରା, କଟକ ଜିଲ୍ଲା ସଭାପତି (ଗ୍ରାମୀଣ) ରାମନାରାୟଣ ମହାନ୍ତି ଓ ପ୍ରଭାରୀ କିଶୋର ପଣ୍ଡା, କେନ୍ଦୁଝର ଜିଲ୍ଲା ସଭାପତି ଶୁକଦେବ ମହନ୍ତ, ବରିଷ୍ଠ ନେତା ବିନୋଦ ଦାଶ, ମୁରଲୀ ଶର୍ମା, ଲଲାଟେନ୍ଦୁ ବସ୍ତ୍ର, ରଶ୍ମୀରେଖା ଦାଶ, ଜ୍ଞାନେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କଙ୍କଡ଼ାହାଡ଼ ବ୍ଲକରେ ଆମ୍ ଆଦମୀ ପାର୍ଟିର ସାଙ୍ଗଠନିକ ବୈଠକ



ଭୁବନେଶ୍ୱର,(ଜା.ପ୍ର): ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକରେ ଆମ୍ ଆଦମୀ ପାର୍ଟିର ସାଙ୍ଗଠନିକ ବୈଠକ ଏବଂ ସଦସ୍ୟତା ଅଭିଯାନ ଆଦିବାସୀ ନେତା ଅଭୟ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ଅଞ୍ଚଳରେ ଗରିବ ଲୋକମାନେ ଆବାସ ଯୋଜନାରେ ଘର ନପାଇବା, ବାରମ୍ବାର ପାୱାର କାଟ, ଗାଁ ଗହଳରେ ପାନୀୟ ଜଳ ସମସ୍ୟା, ସରକାରୀ ସ୍କୁଲ ଗୁଡ଼ିକରେ ପାଠ୍ୟ ପୁସ୍ତକ ନମିଳିବା, ବରିଷ୍ଠ ନାଗରିକ ମାନଙ୍କୁ ଭତ୍ତା ନମିଳିବା, ହସ୍ପିଟାଲରେ ଡାକ୍ତର ପୋଷ୍ଟିଙ୍ଗ ନକରିବା ଇତ୍ୟାଦି ଲୋକମାନଙ୍କ ମନରେ ଘୃଣା ସୃଷ୍ଟି କରିଛି। ଗାଁ ଗହଳରେ ଆମ୍ ଆଦମୀ ପାର୍ଟି ପ୍ରତି ସାଧାରଣ ଲୋକମାନଙ୍କର ଆସ୍ଥା ବଢ଼ିଛି। ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ ଦଳର ଯୋଜନା ବିଷୟରେ ଆଲୋଚନା କରିଥିବା ବେଳେ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ଓଡ଼ିଶାର ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ କେନ୍ଦ୍ରରୁ ଆସିଥିବା ସହ -ପ୍ରଭାରୀଙ୍କ ପରିଦର୍ଶନ ଏବଂ ବୈଠକ ବିଷୟରେ କାର୍ଯ୍ୟକର୍ତ୍ତା ମାନଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକର୍ତ୍ତା ମାନଙ୍କୁ ବିଭିନ୍ନ ଅଞ୍ଚଳର ବିଭିନ୍ନ ଦାୟୀତ୍ୱ ପ୍ରଦାନ କରାଯାଇଥିଲା। ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ ନୂତନ ସାଥୀ ଦଳରେ ଯୋଗଦେଲେ। ବ୍ଲକ ଅଧ୍ୟକ୍ଷ କୈଳାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସଂସଦରେ ଉପସ୍ଥାପନ ହେବ ଓଡ଼ିଶାର ବିଭିନ୍ନ ପ୍ରସଙ୍ଗ: ଗଣମାଧ୍ୟମ ପ୍ରତିନିଧିଙ୍କ ପରାମର୍ଶ ଲୋଡ଼ିଲେ ସଂତୃପ୍ତ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ସ୍ୱାର୍ଥ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ସଂସଦରେ ଉପସ୍ଥାପନ ହେବ। ଏନେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପରାମର୍ଶ ଲୋଡ଼ିଛନ୍ତି ରାଜ୍ୟସଭା ସାଂସଦ ଡ଼ ସଂତୃପ୍ତ ମିଶ୍ର । ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଡ଼ ମିଶ୍ର ଉପସ୍ଥିତ ରହି ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସହ ଆଲୋଚନା କରିଥିଲେ। ଆଗକୁ ପାର୍ଲାମେଣ୍ଟ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି। ଡ଼ ମିଶ୍ର ଓଡ଼ିଶାର ବିଭିନ୍ନ ସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗରେ ପାର୍ଲାମେଣ୍ଟରେ ପ୍ରଶ୍ନ ଉପସ୍ଥାପନ କରିବେ। ସେନେଇ ସାମ୍ବାଦିକମାନଙ୍କ ପରାମର୍ଶ ଗ୍ରହଣ କରିଥିଲେ। ଡବଲ ଇଞ୍ଜିନ ସରକାର ପାଇଁ ରାଜ୍ୟରେ ମାଳ ମାଳ ସମସ୍ୟା ରହିଛି। ବିଜେପି ସରକାରରେ ଗତ ଦୁଇ ବର୍ଷ ହେବ ଉନ୍ନତିମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି, ଯାହା ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ରାଜ୍ୟର ସମସ୍ତ ବର୍ଗର ଲୋକେ ଉପେକ୍ଷିତ ହେଉଛନ୍ତି ବୋଲି ଡ଼ ମିଶ୍ର କହି ରାଜ୍ୟବାସୀଙ୍କ ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଉପସ୍ଥାପନ କରିବା ପାଇଁ ମତାମତ ଗ୍ରହଣ କରିଛନ୍ତି । ରାଜ୍ୟର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ବାବଦରେ ସାମ୍ବାଦିକ ମାନେ ଜଡ଼ିତ ରହିଛନ୍ତି। ସେ ବାବଦରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ରାଜ୍ୟର ସମୂହ ସ୍ୱାର୍ଥ କେନ୍ଦ୍ରିକ ପ୍ରସଙ୍ଗ ବାବଦରେ ପ୍ରଶ୍ନ ପାର୍ଲାମେଣ୍ଟରେ ଉପସ୍ଥାପିତ କରିବା ନେଇ ତଥ୍ୟ ସଂଗ୍ରହ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେଲିନ ମହାନ୍ତି, ଡ଼ ପ୍ରିୟବ୍ରତ ମାଝୀ, ମୁଖପାତ୍ର ତୁମ୍ଭନାଥ ପଣ୍ଡା, ମିହିର ରାୟ, ନାରାୟଣ ଜେନା, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ, ନନ୍ଦଲାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ମିଶନ ଶକ୍ତି ୱେବ୍‌ସାଇଟରୁ ନବୀନଙ୍କ ଫଟୋ ଅପସାରଣ ଉଦ୍ୟମ ଦୁର୍ଭାଗ୍ୟଜନକ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟ ବିଜେପି ସରକାର, ନବୀନ ସରକାରଙ୍କ ସମୟରେ ପ୍ରତିଷ୍ଠିତ ହୋଇଥିବା ମିଶନ ଶକ୍ତିର ଗୌରବମୟ ଇତିହାସକୁ ଲିଭାଇବାର ବୃଥା ପ୍ରୟାସ କରୁଛନ୍ତି ବୋଲି ଅଭିଯୋଗ କରି ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ସରକାରଙ୍କ ଏହି ପଦକ୍ଷେପ ଓଡ଼ିଶାର ଜନମାନସକୁ ଅପମାନିତ କରିବା ସହିତ ସରକାରଙ୍କ ଅସୁରକ୍ଷିତ ମନୋଭାବକୁ ପ୍ରଦର୍ଶିତ କରୁଛି ବୋଲି ବିଜେଡି କହିଛି। ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟିକା ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଓ ପୂର୍ବତନ ରାଜ୍ୟ ମହିଳା କମିସନର ଲୋପାମୁଦ୍ରା ବକ୍ସିପାତ୍ର ରାଜ୍ୟ ସରକାରଙ୍କ ପଦକ୍ଷେପ ତାଙ୍କ ହିନମନ୍ୟତାକୁ ପ୍ରଦର୍ଶିତ କରୁଛି ବୋଲି କହିଛନ୍ତି।

ବିଜେଡିର ଏହି ନାରୀନେତ୍ରୀମାନେ କହିଥିଲେ ଯେ, ମିଶନ ଶକ୍ତି ସମ୍ବନ୍ଧୀୟ ସରକାରୀ ୱେବସାଇଟରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଓ ତଥ୍ୟ ହଟାଇବାର ପ୍ରୟାସ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏହା ବର୍ତ୍ତମାନ ସରକାରଙ୍କ ଗଭୀର ଅସୁରକ୍ଷିତ ମନୋଭାବର ପ୍ରତିଫଳନ। ମିଶନ ଶକ୍ତି କୌଣସି ଦଳୀୟ ପ୍ରକଳ୍ପ ନୁହେଁ; ଏହା ଓଡ଼ିଶାର ଲକ୍ଷ ଲକ୍ଷ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ଓ କ୍ଷେତ୍ରସ୍ତରୀୟ କର୍ମୀଙ୍କ ଦୀର୍ଘ ବର୍ଷର ପରିଶ୍ରମ ଏବଂ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଢ଼ିଉଠିଥିବା ଏକ ଜନ ଆନ୍ଦୋଳନ। ଓଡ଼ିଶାର ମହିଳାମାନେ ଭଲ ଭାବେ ଜାଣିଛନ୍ତି କିଏ ସେମାନଙ୍କୁ ସଶକ୍ତ କରିଥିଲେ, କିଏ ମିଶନ ଶକ୍ତିକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଥିଲେ। ମିଶନ ଶକ୍ତି ଲକ୍ଷ ଲକ୍ଷ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବନ, ସମ୍ମାନ ଓ ସାମାଜିକ ସଶକ୍ତିକରଣର ପଥ ଦେଖାଇଛି। ଏହି ସଫଳତା ଓଡ଼ିଶାର ଇତିହାସରେ ଚିରସ୍ଥାୟୀ ହୋଇ ରହିବ। ସେମାନେ କହିଥିଲେ, ସରକାର ବଦଳିପାରେ, କିନ୍ତୁ ଶାସନର ଧାରା ଅବିରତ ରହେ।

ଜାତୀୟ ଚେତନା
JATIYA CHETANA



ଜାତୀୟ ଚେତନା
JATIYA CHETANA

# ପ୍ରଶାସନିକ ଭରସାର ପରିସୀମା: ଦକ୍ଷତାର ମୋହ ଓ ଉତ୍ତରଦାୟିତ୍ୱର ସଙ୍କଟ

ଭାରତୀୟ ପ୍ରଶାସନିକ ବ୍ୟବସ୍ଥାରେ ଏକ ବିଚିତ୍ର ବିରୋଧାଭାସ ଦେଖିବାକୁ ମିଳୁଛି। ଗୋଟିଏ ପଟେ ବିଶ୍ୱସ୍ତରୀୟ ଆର୍ଥିକ ପ୍ରତିଭା ସୃଷ୍ଟି କରି ଗର୍ବ ଅନୁଭବ କରୁଥିବା ଭାରତ ନିଜର ପେସାଦାର ବ୍ୟାଙ୍କର୍‌ମାନଙ୍କ ଅପେକ୍ଷା ଅବସରପ୍ରାପ୍ତ ସରକାରୀ ବାବୁମାନଙ୍କ ଉପରେ ଅଧିକ ଭରସା ପ୍ରକଟ କରୁଛି। ଦେଶରେ ଦୀପକ ପାରେଖଙ୍କ ଭଳି ଅନୁଷ୍ଠାନ ନିର୍ମାତା ସୃଷ୍ଟି ହୋଇଛନ୍ତି ଏବଂ ଅନେକ ଭାରତୀୟ ବୃତ୍ତିଧାରୀ ବିଶ୍ୱର ବୃହତ୍ତମ ବ୍ୟାଙ୍କଗୁଡ଼ିକର ନେତୃତ୍ୱ ନେଉଛନ୍ତି, ଏପରିକି ବିଶ୍ୱବ୍ୟାଙ୍କର ମୁଖ୍ୟ ପଦବୀରେ ମଧ୍ୟ ଜଣେ ଭାରତୀୟ ଅଧିଷ୍ଠିତ ଅଛନ୍ତି। କିନ୍ତୁ ଦେଶର ବୃହତ୍ତମ ବେସରକାରୀ ବ୍ୟାଙ୍କଗୁଡ଼ିକର ଶୀର୍ଷ ନେତୃତ୍ୱ ଚୟନ ସମୟରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ଦୂରେଇ ରଖି ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା (ଆଇ.ଏ.ଏସ୍.) ଅଧିକାରୀଙ୍କୁ ପ୍ରଥମ ପସନ୍ଦ କରାଯାଉଛି। ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାରଙ୍କୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଆଂଶିକ ସମୟ ପାଇଁ ଅଧକ୍ଷ ଭାବେ ନିଯୁକ୍ତ କରିବା ଏହାର ସର୍ବଶେଷ ଉଦାହରଣ। କେବଳ ଏହି ଗୋଟିଏ ବ୍ୟାଙ୍କ ନୁହେଁ, ବରଂ ଆଇସିଆଇସିଆଇ, ଆକ୍ସିସ, କୋଟାକ ମହିନ୍ଦ୍ରା, ବନ୍ଧନ ଏବଂ ଫେଡେରାଲ ବ୍ୟାଙ୍କ ଭଳି ପ୍ରମୁଖ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକରେ ମଧ୍ୟ ଅନୁରୂପ ନିଯୁକ୍ତି ଦିଆଯାଇଛି। କ୍ଷେତ୍ରଭିତ୍ତିକ ଅଭିଜ୍ଞତା ଅପେକ୍ଷା ପ୍ରଶାସନିକ କ୍ଷମତାକୁ ଅଧିକ ପ୍ରାଧାନ୍ୟ ଦେବାର ଏହି ମାନସିକତା ଉଦାରୀକରଣର ତିନି ଦଶନ୍ଧି ପରେ ମଧ୍ୟ ବଦଳିନାହିଁ। ଯେତେବେଳେ ବି କୌଣସି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼େ, ସରକାରୀ ବ୍ୟବସ୍ଥାର ମାନସିକତା ସ୍ୱତଃପ୍ରବୃତ୍ତ ଭାବେ ସରକାରୀ କ୍ୟାଡରର ଆଡ଼କୁ ଚାଲିଯାଏ।

ଅନ୍ୟପକ୍ଷରେ, ଜାତୀୟ ସ୍ୱାର୍ଥ ଏବଂ କୂଟନୀତି ଭଳି ସମ୍ବେଦନଶୀଳ କ୍ଷେତ୍ରରେ ସରକାର ପରମ୍ପରା ଅପେକ୍ଷା ଅଭିଜ୍ଞତା ଏବଂ ସଂସ୍ଥାଗତ ସ୍ମୃତିକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ବିଦେଶ ସଚିବ ବିକ୍ରମ ମିସ୍ରିଙ୍କ କାର୍ଯ୍ୟକାଳକୁ ଆଉ ଏକ ବର୍ଷ ବଢ଼ାଇ ମୋଦି ସରକାର ସ୍ପଷ୍ଟ ସଙ୍କେତ ଦେଇଛନ୍ତି ଯେ ଅସ୍ଥିର ଭୂ-ରାଜନୈତିକ ପରିବେଶରେ ଶୀର୍ଷ କୂଟନୀତିଜ୍ଞଙ୍କୁ ବଦଳାଇବା ଉଚିତ ନୁହେଁ। ଆସନ୍ତା ବର୍ଷ ଭାରତ ପାଇଁ ବ୍ରିକ୍ସର ଅଧକ୍ଷତା, ଚୀନ ସହିତ ଦୁର୍ବଳ ସମ୍ପର୍କର ସୁଧାର, ୟୁରୋପ ଓ ପଶ୍ଚିମ ଏସିଆର ଯୁଦ୍ଧ ସ୍ଥିତି ଏବଂ ଦକ୍ଷିଣ ବିଶ୍ୱ (ଗ୍ଲୋବାଲ ସାଉଥ୍)ର ନେତୃତ୍ୱ ନେବା ସହ ୱାଶିଂଟନ୍ ଓ ମସ୍କୋ ଉଭୟଙ୍କ ସହ ସମ୍ପର୍କରେ ସନ୍ତୁଳନ ରକ୍ଷା କରିବା ଭଳି ବଡ଼ ଆହ୍ୱାନ ରହିଛି। ଏଭଳି ସଙ୍କଟଜନକ ସ୍ଥିତିରେ ୧୯୮୯ ବ୍ୟାଚ୍‌ର ଭାରତୀୟ ବୈଦେଶିକ ସେବା (ଆଇ.ଏଫ୍.ଏସ୍.) ଅଧିକାରୀ ବିକ୍ରମ ମିସ୍ରିଙ୍କ ଭଳି ଜଣେ ବିଶ୍ୱସ୍ତ ତଥା ଅଭିଜ୍ଞ ବ୍ୟକ୍ତିଙ୍କ ହାତରେ ନେତୃତ୍ୱ ରଖିବା ଏକ ସମୟୋପଯୋଗୀ ନିଷ୍ପତ୍ତି। ସେ ବେଜିଂରେ କାର୍ଯ୍ୟ କରିବା ସହ ଉପ-ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ ତିନିଜଣ ପ୍ରଧାନମନ୍ତ୍ରୀଙ୍କ ସହ କାମ କରିଛନ୍ତି। ଯଦିଓ ଏଭଳି କାର୍ଯ୍ୟକାଳ ବୃଦ୍ଧି ଯୋଗୁଁ ଯୁବ ଅଧିକାରୀଙ୍କ ପଦୋନ୍ନତିରେ ବିଳମ୍ବ ହେଉଛି, ତଥାପି ଆଜିର ଜଟିଳ ପରିସ୍ଥିତିରେ ଅଭିଜ୍ଞ ହାତରେ ନେତୃତ୍ୱ ରଖିବା ପ୍ରଶାସନିକ ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି। ତେବେ ଏହି ସମଗ୍ର ପ୍ରଶାସନିକ ବ୍ୟବସ୍ଥାର ଅନ୍ୟ ଏକ ଅନ୍ଧକାର ଦିଗ ହେଉଛି ଭିତରୁ ଭୁଷୁଡ଼ି ପଡୁଥିବା ଉତ୍ତରଦାୟିତ୍ୱ ଓ ବଢୁଥିବା ଦୁର୍ନୀତି। ହରିୟାଣାରେ ମାତ୍ର ବାର ଦିନ ମଧ୍ୟରେ ତିନି ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀ ଗିରଫ ହେବା ଏବଂ ପ୍ରାୟ ୬୦୦ କୋଟି ଟଙ୍କାର ସରକାରୀ ପାଣ୍ଠି ହରିଲୁଟ୍ ହେବା ଅଭିଯୋଗ ଏହି ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗିରଫ ହୋଇଥିବା ଅଧିକାରୀ ଆର.କେ. ସିଂହ, ପଙ୍କଜ ଅଗ୍ରୱାଲ ଏବଂ ପ୍ରଦୀପ କୁମାର ରାଜ୍ୟ ପ୍ରଶାସନର ଶିକ୍ଷା, କୃଷି, ସହରାଞ୍ଚଳ ଏବଂ ପରିବେଶ ନିୟନ୍ତ୍ରଣ ଭଳି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ଥିଲେ। ଏତେ ବଡ଼ ପରିମାଣର ସରକାରୀ ଟଙ୍କା ଗାଏବ ହେବା କେବଳ କିଛି ବ୍ୟକ୍ତିବିଶେଷଙ୍କ ଅପରାଧ ନୁହେଁ, ବରଂ ଅନୁମୋଦନ, ଅଡିଟ୍, ଅର୍ଥ ବିଭାଗ ଏବଂ ରାଜକୋଷର ଯେଉଁ ସୁରକ୍ଷା ବ୍ୟବସ୍ଥା ରହିଛି, ତାହାର ସାମଗ୍ରିକ ବିଫଳତା। ଯଦି ସରକାର ନିଜ ରାଜକୋଷକୁ ସୁରକ୍ଷିତ ରଖିପାରିବେ ନାହିଁ, ତେବେ ସାଧାରଣ ନାଗରିକଙ୍କ ଧନଜୀବନର ସୁରକ୍ଷା କିଭଳି ହେବ, ତାହା ଚିନ୍ତାର ବିଷୟ। ଅଧିକାରୀମାନଙ୍କୁ ଗିରଫ କିମ୍ବା ନିଲମ୍ବନ କରିବା ସହଜ, କିନ୍ତୁ ପ୍ରକୃତ ସଂସ୍କାର ହେଉଛି ସେହି ବ୍ୟବସ୍ଥାର ସୁଧାର କରିବା ଯେଉଁଠି କେନ୍ଦ୍ରୀୟ ତଦନ୍ତ ସଂସ୍ଥା ପହଞ୍ଚିବା ପରେ ହିଁ ଦାୟିତ୍ୱବୋଧତା ପ୍ରକାଶ ପାଏ। ପ୍ରକୃତ ଦୁର୍ନୀତି ହେଉଛି ନୀତିଗତ ଅପବ୍ୟବହାରକୁ ରୋକିବା ପାଇଁ ଗଢ଼ାଯାଇଥିବା ବ୍ୟବସ୍ଥା ନିଜେ ଦୁର୍ନୀତିଗ୍ରସ୍ତ ହୋଇଯିବା। ପ୍ରଶାସନିକ ଦକ୍ଷତା ଉପରେ ଦେଶ ଯେତିକି ଭରସା ରଖୁଛି, ସେହି ପ୍ରଶାସନ ଭିତରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ସେତିକି ଜରୁରୀ, ନଚେତ ଏହି ବାବୁତନ୍ତ୍ର ଦେଶର ପ୍ରଗତି ପାଇଁ ଏକ ବଡ଼ ପ୍ରତିବନ୍ଧକ ସାବ୍ୟସ୍ତ ହେବ।ବିଭିନ୍ନ ବିଭାଗରେ ଅଭିଜ୍ଞତାର ଦୋହାଇ ଦେଇ ବାରମ୍ବାର କାର୍ଯ୍ୟକାଳ ବୃଦ୍ଧି କରାଯିବା ଦ୍ୱାରା ନିମ୍ନ ସ୍ତରରେ ଥିବା ଦକ୍ଷ ଓ ସ୍ୱଚ୍ଛ ଭାବମୂର୍ତ୍ତି ସମ୍ପନ୍ନ ଯୁବ ଅଧିକାରୀମାନେ ଉପଯୁକ୍ତ ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏଭଳି ପରିସ୍ଥିତି ପ୍ରଶାସନିକ ସ୍ତରରେ ଏକ ନୈରାଶ୍ୟଜନକ ବାତାବରଣ ସୃଷ୍ଟି କରୁଛି, ଯାହା ସାମଗ୍ରିକ ସରକାରୀ କାର୍ଯ୍ୟଦକ୍ଷତାକୁ ମନ୍ଥର କରିଦିଏ। ତେଣୁ, କେବଳ କାର୍ଯ୍ୟକାଳ ବଢ଼ାଇବା କିମ୍ବା ବାହ୍ୟ ନିଯୁକ୍ତିରେ ସୀମିତ ନ ରହି ସଂସ୍ଥାଗତ ସଂସ୍କାର ମାଧ୍ୟମରେ ପ୍ରଶାସନକୁ ଅଧିକ ଜବାବଦାର କରାଯିବା ଆବଶ୍ୟକ।

# ଅର୍ଥନୈତିକ ସ୍ଥିରତା ଓ ପ୍ରବାସୀ ଭାରତୀୟ ପାଣ୍ଠିର ଆହ୍ୱାନ

**ଶୁଭ୍ରଜିତ ମହାଲିକା**

ବର୍ତ୍ତମାନ ବିଶ୍ୱ ଅର୍ଥନୀତି ଏବଂ ଭୂ-ରାଜନୀତିରେ ଘଟୁଥିବା ଦ୍ରୁତ ପରିବର୍ତ୍ତନ ମଧ୍ୟରେ ଭାରତୀୟ ଅର୍ଥନୀତି ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି। ବିଶେଷ କରି ଶାନ୍ତି ପ୍ରତିଷ୍ଠା ନିମିତ୍ତ ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା କୂଟନୈତିକ ଉଦ୍ୟମ ଯଦି ସଫଳ ହୁଏ, ତାହା ଭାରତ ପାଇଁ ବେଶ୍ ଅନୁକୂଳ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଏହାର ମୁଖ୍ୟ କାରଣ ହେଉଛି, ଦୀର୍ଘ ଦିନର ଅସ୍ଥିରତା ପରେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଯଦି ପୁନଃନିର୍ମାଣର ଏକ ନୂଆ ଜୁଆର ଦେଖାଦିଏ, ତେବେ ସେଠାରେ ବିଦେଶୀ ଶ୍ରମିକମାନଙ୍କ ପାଇଁ ଚାହିଦାରେ ତୀକ୍ଷ୍ଣ ବୃଦ୍ଧି ଘଟିବ। ମଧ୍ୟପ୍ରାଚ୍ୟର ଏହି ଶ୍ରମିକ ଚାହିଦା ମୁଖ୍ୟତଃ ଭାରତୀୟମାନଙ୍କ ଦ୍ୱାରା ହିଁ ପୂରଣ ହେବାର ପରମ୍ପରା ରହିଛି। ଯଦି ଏହି ସମ୍ଭାବନା ବାସ୍ତବ ରୂପ ନିଏ, ତେବେ ସେହି ସମଗ୍ର ଅଞ୍ଚଳରୁ ଭାରତକୁ ବୈଦେଶିକ ମୁଦ୍ରା ପ୍ରେରଣ ଏବଂ ପ୍ରବାସୀ ଭାରତୀୟ ଜମା ଖାତାରେ ଉଲ୍ଲେଖନୀୟ ବୃଦ୍ଧି ଘଟିବାର ଦୃଢ଼ ସମ୍ଭାବନା ସୃଷ୍ଟି ହେବ, ଯାହା ଆମର ଘରୋଇ ଅର୍ଥନୀତିକୁ ବେଶ୍ ଆଶ୍ୱସ୍ତି ପ୍ରଦାନ କରିବ।

ଏହି ସକାରାତ୍ମକ ଆଶାବାଦ ମଧ୍ୟରେ ଦେଶର ବର୍ତ୍ତମାନର ଆଭ୍ୟନ୍ତରୀଣ ଆର୍ଥିକ ସ୍ଥିତି ଉପରେ ଦୃଷ୍ଟି ନିକ୍ଷେପ କରିବା ଜରୁରୀ। ବେଶ୍ କିଛି କାଳ ଧରି ଭାରତୀୟ ଟଙ୍କାର ବିନିମୟ ମୂଲ୍ୟରେ ଘଟି ଚାଲିଥିବା କ୍ରମାଗତ ସ୍ଖଳନ ଏବଂ ଦେଶରୁ ବିଦେଶୀ ପୁଞ୍ଜି ନିବେଶକମାନଙ୍କର ପଳାୟନ ଅର୍ଥନୀତିର ପରିଚାଳକମାନଙ୍କ ପାଇଁ ଏକ ବଡ଼ ମୁଣ୍ଡବିନ୍ଧାର କାରଣ ହୋଇ ଦେଖା ଦେଇଛି। ଭାରତୀୟ ଅର୍ଥନୀତିର ପରିଚାଳନା ଦାୟିତ୍ୱରେ ଥିବା ଅନ୍ୟତମ ଶୀର୍ଷ ଅନୁଷ୍ଠାନ ଭାରତୀୟ ରିଜର୍ଭ ବ୍ୟାଙ୍କ ଅସୀମ ଧୈର୍ଯ୍ୟର ପରିଚୟ ଦେଇ ଅନେକ ଦିନ ଯାଏ ଏହି ସ୍ଥିତିରେ କୃତ୍ରିମ ଭାବରେ ପରିବର୍ତ୍ତନ ଘଟାଇବା ଉଦ୍ଦେଶ୍ୟରେ ସିଧାସଳଖ କୌଣସି ହସ୍ତକ୍ଷେପ କରି ନଥିଲା। ବ୍ୟାଙ୍କ କେବଳ ବଜାରର ସ୍ୱାଭାବିକ ଗତିବିଧି ଉପରେ ନଜର ରଖି ଚାଲିଥିଲା। କିନ୍ତୁ ପରିସ୍ଥିତିରେ କୌଣସି ଆଖିଦୃଶିଆ ସୁଧାର ଘଟିବାର ଲକ୍ଷଣ ଦେଖା ନଯିବାରୁ ଦେଶ ଭିତରକୁ ବୈଦେଶିକ ମୁଦ୍ରା ପ୍ରବେଶ ସ୍ରୋତରେ ଉନ୍ନତି ଘଟାଇବା ଆଶାରେ କେନ୍ଦ୍ରୀୟ ବ୍ୟାଙ୍କ ଏବେ ଏକ ପୁରାତନ ତଥା ପରୀକ୍ଷିତ କୌଶଳ ପ୍ରୟୋଗ କରିବାକୁ ନିଷ୍ପତ୍ତି ନେଇଛି। ଏହି କୌଶଳଟି ହେଲା- ବିଦେଶରେ ଥିବା ପ୍ରବାସୀ ଭାରତୀୟମାନଙ୍କୁ ଦେଶର ବ୍ୟାଙ୍କଗୁଡ଼ିକରେ ସେମାନଙ୍କ ପାଖରେ ଥିବା ବୈଦେଶିକ ମୁଦ୍ରା ଅଧିକ ପରିମାଣରେ ଜମା କରିବା ନିମିତ୍ତ ବିଭିନ୍ନ ଉପାୟରେ ପ୍ରୋତ୍ସାହିତ କରିବା।

ଅତୀତର ଇତିହାସକୁ ଦେଖିଲେ ଜଣାଯାଏ ଯେ କେତେକ ନିର୍ଦ୍ଦିଷ୍ଟ ବୈଦେଶିକ ମୁଦ୍ରା ଜମା ପାଇଁ ନିୟମିତ ହାରଠାରୁ ଅଧିକ ହାରରେ ସୁଧ ଅର୍ପଣ କରି ଭାରତୀୟ ବ୍ୟାଙ୍କଗୁଡ଼ିକ ପ୍ରବାସୀ ଭାରତୀୟମାନଙ୍କୁ ସେମାନଙ୍କର ପାଣ୍ଠି ଏଠାରେ ଜମା କରିବା ପାଇଁ ଆକର୍ଷିତ କରିବାରେ ସଫଳ ହୋଇଛନ୍ତି। ରିଜର୍ଭ ବ୍ୟାଙ୍କ ଆଶା କରୁଛି ଯେ ବର୍ତ୍ତମାନର ସଂକଟ ସମୟରେ ମଧ୍ୟ ଅନୁରୂପ କୌଶଳ ଅବଲମ୍ବନ କରି ଦେଶକୁ ସ୍ୱଳ୍ପକାଳୀନ ବୈଦେଶିକ ମୁଦ୍ରା ସ୍ରୋତରେ ଉନ୍ନତି ଘଟାଯାଇ ପାରିବ ଏବଂ ଟଙ୍କାର ବିନିମୟ ମୂଲ୍ୟରେ ଘଟୁଥିବା ହ୍ରାସକୁ ପ୍ରତିହତ କରି ସେଥିରେ ପୁନର୍ବାର ଉତ୍ଥାନ ଘଟାଯାଇ ପାରିବ। ତେବେ ଏହି ଯୋଜନା ପ୍ରବାସୀ ଭାରତୀୟମାନଙ୍କ ପାଇଁ ବେଶ୍ ଆକର୍ଷଣୀୟ ହୋଇଥିଲେ ହେଁ ଏବଂ ତାହାର ତାତ୍କାଳିକ ଲକ୍ଷ୍ୟ ହାସଲରେ ସଫଳ ହେବାର ସମ୍ଭାବନା ଥିଲେ ହେଁ, ଏହାର ଏକ ନକାରାତ୍ମକ ଦିଗ ପ୍ରତି ସତର୍କ ରହିବାକୁ ହେବ। ଏହା ଦ୍ୱାରା ଭାରତର ବୈଦେଶିକ ଋଣ ଭାରରେ ଯେଉଁ ବୃଦ୍ଧି ଘଟିବ, ତାହା ଦୀର୍ଘକାଳୀନ ଭିତ୍ତିରେ ସାମଗ୍ରିକ ଅର୍ଥନୀତି ପାଇଁ ଏକ ନୂତନ ବିପଦ ସୃଷ୍ଟି କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।

ଏହି ସନ୍ଦର୍ଭରେ ପରିସଂଖ୍ୟାନର ଆଲୋଚନା କରାଗଲେ ଜଣାଯାଏ ଯେ, ଗତ ମାର୍ଚ୍ଚ ମାସ ସୁଦ୍ଧା ଭାରତର ବ୍ୟାଙ୍କଗୁଡ଼ିକରେ ଜମା ହୋଇଥିବା ମୋଟ ବୈଦେଶିକ ମୁଦ୍ରାର ପରିମାଣ ଥିଲା ପ୍ରାୟ ଏକ ଶହ ପଞ୍ଚଷଠି ବିଲିଅନ୍ ଡଲାର। ଏଥିମଧ୍ୟରୁ ପ୍ରବାସୀ ଭାରତୀୟମାନଙ୍କ ଦ୍ୱାରା କରାଯାଇଥିବା ଜମାର ଆକାର ଥିଲା ପ୍ରାୟ ତେତେଶି ବିଲିଅନ୍ ଡଲାର, ଯାହା ମୋଟ ଜମାର ପ୍ରାୟ କୋଡ଼ିଏ ଶତାଂଶ ଥିଲା। ଉଲ୍ଲେଖଯୋଗ୍ୟ ଯେ, ଯଦି ବିଗତ ପନ୍ଦର ବର୍ଷର ଧାରା ଉପରେ ଦୃଷ୍ଟି ନିକ୍ଷେପ କରାଯାଏ, ତେବେ ଦେଖାଯାଇଥାଏ ଯେ ଦୁଇ ହଜାର ତେର ମସିହାରେ ଏହି ଅନୁପାତ ପ୍ରାୟ ଏକଚାଳିଶ ଶତାଂଶ ଥିଲା, ଯାହା ହେଉଛି ଏହି ସମଗ୍ର ସମୟ କାଳ ମଧ୍ୟରେ ସର୍ବୋଚ୍ଚ ସ୍ତର। ଏଥିରୁ ସ୍ପଷ୍ଟ ହେଉଛି ଯେ ପ୍ରବାସୀ ପାଣ୍ଠି ସ୍ରୋତ ସହିତ ଭାରତୀୟ ଅର୍ଥନୀତିର ସମ୍ପର୍କ ଅତୀତରେ ଅନେକ ଉତ୍ଥାନ ପତନ ଦେଇ ଗତି କରିଛି। ବର୍ତ୍ତମାନ ପ୍ରବାସୀ ଭାରତୀୟମାନଙ୍କ ଦ୍ୱାରା ପ୍ରେରିତ ଅର୍ଥ ଯେଉଁଭଳି ଭାରତର ବାହ୍ୟ ଆର୍ଥିକ ସ୍ଥିତିର ଏକ ମଜଭୁତ ସ୍ତମ୍ଭରେ ପରିଣତ ହୋଇଛି, ଅତୀତରେ ସ୍ଥିତି ସର୍ବଦା ସେଭଳି ସୁଦୃଢ଼ ନଥିଲା।

ଇତିହାସ ସାକ୍ଷୀ ଅଛି ଯେ, ଊନବିଂଶ ଶତକର ଶେଷ ଭାଗରେ ଅର୍ଥାତ୍ ଏକ ହଜାର ନଅ ଶହ ଏକାନବେର ଆର୍ଥିକ ସଂକଟର ଠିକ୍ ପୂର୍ବବର୍ତ୍ତୀ ସମୟରେ ଭାରତୀୟ ବ୍ୟାଙ୍କଗୁଡ଼ିକୁ ପ୍ରବାସୀ ଜମାର ଏକ ବଡ଼ ସୁଅ ଛୁଟିଥିଲା। କିନ୍ତୁ ଦେଶରେ ସେହି ଅର୍ଥନୈତିକ ସଂକଟ ଯେମିତି ମୁଣ୍ଡ ଟେକିବାକୁ ଆରମ୍ଭ କଲା, ପ୍ରବାସୀ ଭାରତୀୟମାନେ ସେମାନଙ୍କର ଜମା ଅର୍ଥକୁ ତୁରନ୍ତ ଉଠାଇ ଏଠାରୁ ପଳାୟନ କରିବାକୁ ଲାଗିଲେ। ଏହା ଅର୍ଥଶାସ୍ତ୍ରର ଭାଷାରେ ଏକ ବହିର୍ମୁଖୀ 'ଉତ୍ତପ୍ତ ଅର୍ଥ ସ୍ରୋତ'ରେ ପରିଣତ ହୋଇଥିଲା। ସେତେବେଳେ ସେମାନଙ୍କର ଜମାର ମୂଲ୍ୟ ଓ ନିରାପତ୍ତା ସମ୍ବନ୍ଧରେ ଅତ୍ୟଧିକ ଚିନ୍ତିତ ହୋଇ ପ୍ରବାସୀମାନେ ତାହାକୁ ବ୍ୟାଙ୍କଗୁଡ଼ିକରୁ ପ୍ରତ୍ୟାହାର କରିନେଇଥିଲେ, ଯାହା ସଂକଟକୁ ଆହୁରି ଗଭୀର କରିଥିଲା। ତେବେ ତାହା ପରଠାରୁ ବିଭିନ୍ନ ସମୟରେ ଟଙ୍କାର ବିନିମୟ ହାରକୁ ସୁରକ୍ଷିତ ରଖିବା ପାଇଁ ଓ ତତ୍‌କ୍ଷଣାତ୍ ଦେଶ ଭିତରକୁ ସ୍ୱଳ୍ପକାଳୀନ ବୈଦେଶିକ ମୁଦ୍ରା ପ୍ରବାହ ଆକର୍ଷିତ କରିବା ପାଇଁ ଏହି ଜମାକୁ ଏକ ଫଳପ୍ରଦ ଉପାୟ ରୂପେ ବ୍ୟବହାର କରାଯାଇ ଆସିଛି। ଏହାର ଏକ ପ୍ରକୃଷ୍ଟ ଉଦାହରଣ ଦୁଇ ହଜାର ତେର ମସିହାରେ ଦେଖିବାକୁ ମିଳିଥିଲା। ସେତେବେଳେ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କର ତତ୍କାଳୀନ ଅଧକ୍ଷ ସେଠାରେ ଅନୁସୃତ ସମ୍ପ୍ରସାରଣଶୀଳ ମୁଦ୍ରା ନୀତିରେ ଅନ୍ତ ଘଟାଇବା ସମ୍ବନ୍ଧରେ ଇସାରା ଦେଇଥିଲେ। ଏହାର ପରିଣାମସ୍ୱରୂପ, ଅଧିକ ଲାଭ ଆଶାରେ ବିଦେଶୀ ନିବେଶକମାନେ ଭାରତ ଭଳି ବିକାଶଶୀଳ ଦେଶମାନଙ୍କରୁ ସେମାନଙ୍କର ପୁଞ୍ଜି ପ୍ରତ୍ୟାହାର କରି ପୁନର୍ବାର ଆମେରିକାମୁହାଁ ହେବାକୁ ଲାଗିଲେ। ନିବେଶକମାନଙ୍କର ଏହି ହଠାତ ପଳାୟନଜନିତ ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ସେତେବେଳେ ପ୍ରବାସୀ ଭାରତୀୟମାନଙ୍କୁ ଆକର୍ଷିତ କରିବା ଲାଗି ସୁଧହାର ବୃଦ୍ଧି ଭଳି କୌଶଳ ଅବଲମ୍ବନ କରି ବେଶ୍ ସଫଳତା ଅର୍ଜନ କରିଥିଲା। ଏହାର ପ୍ରମାଣ ସ୍ୱରୂପ ମାତ୍ର ତିନି ମାସ ମଧ୍ୟରେ ପ୍ରବାସୀ ଜମା ରୂପରେ ଭାରତକୁ ପ୍ରାୟ ଚବିଶି ଦଶମିକ ପାଞ୍ଚ ବିଲିଅନ୍ ଡଲାରର ବୈଦେଶିକ ମୁଦ୍ରା ଆସିଥିଲା, ଯାହା ପୁଞ୍ଜି ପଳାୟନର ନକାରାତ୍ମକ ପ୍ରଭାବର ତୀବ୍ରତାକୁ ସୀମିତ କରିବାରେ ବହୁଳ ଭାବେ ସହାୟକ ହୋଇଥିଲା।

ଏହି ସମସ୍ତ ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ସୂଚନା ମିଳେ ଯେ, ମୁଖ୍ୟତଃ ଦୁଇଟି ପ୍ରମୁଖ କ୍ଷେତ୍ରରେ ଥିବା ପ୍ରବାସୀ ଭାରତୀୟମାନେ ହିଁ ଦେଶର ବ୍ୟାଙ୍କଗୁଡ଼ିକରେ ଏଭଳି ଜମା କରିବାକୁ ସର୍ବଦା ଆଗେଇ ଆସିଥାନ୍ତି। ସେଗୁଡ଼ିକ ହେଲା- ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଯୁକ୍ତରାଷ୍ଟ୍ର ଆମେରିକା। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, କାରଣ ଭାରତରୁ ବୃତ୍ତି ସନ୍ଧାନରେ ବିଦେଶକୁ ଯାଉଥିବା ଅଧିକାଂଶ ନାଗରିକ ପୃଥିବୀର ଏହି ଦୁଇଟି ଅଞ୍ଚଳ ଦିଗରେ ହିଁ ମୁହାଁଇଥାନ୍ତି। ତେଣୁ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ହେଲେ ତାହା ପରୋକ୍ଷରେ ଭାରତୀୟ ଅର୍ଥନୀତି ପାଇଁ ସୁଫଳ ଆଣିବ।

ପୂର୍ବରୁ କୁହାଯାଇଥିବା ଭଳି ପ୍ରବାସୀ ଜମାରେ ଅତ୍ୟଧିକ ବୃଦ୍ଧି ଭାରତର ବୈଦେଶିକ ଋଣର ଆକାରକୁ ବଢ଼ାଇଥାଏ, ଯାହା ଦେଶ ପାଇଁ ସମ୍ପୂର୍ଣ୍ଣ ବିପଦମୁକ୍ତ ନୁହେଁ। ଅତୀତରେ ଏକ ହଜାର ନଅ ଶହ ଏକାନବେର ଉପସାଗରୀୟ ଯୁଦ୍ଧ ସମୟରେ ପ୍ରବାସୀମାନେ ଆତଙ୍କିତ ହୋଇ ଭାରତରୁ ସେମାନଙ୍କର ଜମା ଅପସାରିତ କରିନେବା ଫଳରେ ଦେଶର ଆର୍ଥିକ ସଂକଟ ଆହୁରି ଗୁରୁତର ହୋଇଥିଲା। ତେବେ ସନ୍ତୋଷର ବିଷୟ ଏହି ଯେ, ଇତିମଧ୍ୟରେ ଭାରତୀୟ ଅର୍ଥନୀତିର ବାହ୍ୟ ଧକ୍କା ସମ୍ଭାଳିବା କ୍ଷମତାରେ ବେଶ୍ ଉନ୍ନତି ଘଟିଛି। ସେତେବେଳେ ଭାରତର ସ୍ୱଳ୍ପକାଳୀନ ବୈଦେଶିକ ଋଣର ଅନୁପାତ ଆମର ମୋଟ ବୈଦେଶିକ ମୁଦ୍ରା ପାଣ୍ଠିର ଏକ ବିପଜ୍ଜନକ ଏକ ଶହ ସତଚାଳିଶ ଶତାଂଶ ଥିବାବେଳେ, ବର୍ତ୍ତମାନ ତାହା ମାତ୍ର ପ୍ରାୟ କୋଡ଼ିଏ ଶତାଂଶ ମଧ୍ୟରେ ସୀମିତ ରହିଛି। ଏହି ସୁଦୃଢ଼ ସ୍ଥିତି ସତ୍ତ୍ୱେ, ଆଗାମୀ ଦିନରେ ପ୍ରବାସୀ ଭାରତୀୟମାନଙ୍କ ପାଣ୍ଠି ଯେମିତି ପୁଣି ଏକ ଅସ୍ଥିର ବହିର୍ମୁଖୀ ଅର୍ଥ ସ୍ରୋତ ସୃଷ୍ଟି ନ କରେ, ସେଥିପ୍ରତି ରିଜର୍ଭ ବ୍ୟାଙ୍କ ଏବଂ ଆର୍ଥିକ ପରିଚାଳକମାନଙ୍କୁ ସର୍ବଦା ସଜାଗ ଓ ଦୂରଦୃଷ୍ଟିସମ୍ପନ୍ନ ରହିବାକୁ ହେବ। ଆଗାମୀ ଦିନରେ ପ୍ରବାସୀ ଭାରତୀୟମାନଙ୍କ ପାଣ୍ଠି ଯେମିତି ପୁଣି ଏକ ଅସ୍ଥିର ବହିର୍ମୁଖୀ ଅର୍ଥ ସ୍ରୋତ ସୃଷ୍ଟି ନ କରେ, ସେଥିପ୍ରତି ରିଜର୍ଭ ବ୍ୟାଙ୍କ ଏବଂ ଆର୍ଥିକ ପରିଚାଳକମାନଙ୍କୁ ସର୍ବଦା ସଜାଗ ଓ ଓ ଦୂରଦୃଷ୍ଟିସମ୍ପନ୍ନ ରହିବାକୁ ହେବ। ଏଥିସହିତ କେବଳ ବାହ୍ୟ ପାଣ୍ଠି ଉପରେ ସମ୍ପୂର୍ଣ୍ଣ ନିର୍ଭର ନକରି ଘରୋଇ ସଞ୍ଚୟ ଏବଂ ଉତ୍ପାଦନ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ। ଦୀର୍ଘକାଳୀନ ଆର୍ଥିକ ସ୍ଥିରତା ବଜାୟ ରଖିବା ପାଇଁ ସମୟୋପଯୋଗୀ ନୀତିଗତ ସଂସ୍କାର ଏବଂ ସନ୍ତୁଳିତ ରାଜକୋଷୀୟ ପରିଚାଳନା ହିଁ ଏକମାତ୍ର ଶ୍ରେଷ୍ଠ ବିକଳ୍ପ।

ଜାତୀୟ ଚେତନା
JATIYA CHETANA



### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ

# ୧୨ ହଜାର କୋଟିର ନୂଆ ପୁଞ୍ଜିନିବେଶ ପ୍ରସ୍ତାବ



ଭୁବନେଶ୍ୱର,(ଜା.ପ୍ର): ରାୟଗଡ଼ା ଜିଲ୍ଲାର କାଶୀପୁର ତହସିଲ ଅନ୍ତର୍ଗତ କଂସାରୀଗୁଡ଼ାରେ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ନିର୍ମାଣାଧୀନ ଗ୍ରୀନଫିଲ୍ଡ ଆଲୁମିନା ରିଫାଇନାରୀର ସମ୍ପ୍ରସାରଣ ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ୍ ୧୨ହଜାର କୋଟି ଟଙ୍କା ଅତିରିକ୍ତ ନିବେଶ କରିବ। ରିଫାଇନାରୀ କ୍ଷମତାକୁ ବି କମ୍ପାନୀ ୧ରୁ ୩ ନିୟୁତ ଟନ୍ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛି। ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିବା ପରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ଆଦିତ୍ୟ ବିର୍ଲା ଗ୍ରୁପର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା।

ସେ କହିଛନ୍ତି ଯେ, ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା ଥିଲା। ଏହି ଅବସରେ ରାଜ୍ୟବ୍ୟାପୀ ବିର୍ଲା ଗ୍ରୁପ ଦ୍ୱାରା ଚାଲିଥିବା ଏବଂ ପ୍ରସ୍ତାବିତ ନିବେଶର ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା ହୋଇଛି। ରାଜ୍ୟରେ ଯେଉଁ କ୍ଷେତ୍ରରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନାହିଁ, ସେଠାରେ ତାହାର ଉପସ୍ଥିତିକୁ ଆହୁରି ବିସ୍ତାର କରିବା ଉପରେ ମଧ୍ୟ ଆଲୋଚନା ହୋଇଛି। ଶ୍ରୀ ବିର୍ଲା କହିଛନ୍ତି ଯେ, ରାଜ୍ୟ ସରକାରଙ୍କର ସହଯୋଗ ମିଳୁଛି। ଏଥିଯୋଗୁଁ ଆମ ଗ୍ରୁପ୍ କଂସାରିଗୁଡ଼ାରେ ଥିବା ଗ୍ରୀନ୍‌ଫିଲ୍ଡ ଆଲୁମିନା ରିଫାଇନାରୀ ପ୍ରକଳ୍ପକୁ ସମ୍ପ୍ରସାରଣ କରିବା ପାଇଁ ପ୍ରସ୍ତାବ ରଖିଛି। ଏହି ପ୍ରକଳ୍ପ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଦ୍ୱାରା ବିକଶିତ କରାଯାଉଛି। ପ୍ରାରମ୍ଭରେ ଏହି ରିଫାଇନାରୀର ବାର୍ଷିକ ୧ ନିୟୁତ ଟନ୍ କ୍ଷମତା ଏବଂ ପ୍ରାୟ ୮ହଜାର କୋଟି ନିବେଶ ସହିତ କଳ୍ପନା କରାଯାଇଥିଲା। ଏବେ ରିଫାଇନାରୀର କ୍ଷମତାକୁ ବାର୍ଷିକ ଆହୁରି ୨ ନିୟୁତ ଟନ୍ ବୃଦ୍ଧି କରିବା ପାଇଁ ପ୍ରାୟ ୧୨ହଜାର କୋଟି ଟଙ୍କାର ଅତିରିକ୍ତ ନିବେଶ ପ୍ରସ୍ତାବ ରହିଛି। ଫଳରେ କଂସାରିଗୁଡ଼ା ରିଫାଇନାରୀର ମୋଟ୍ କ୍ଷମତା ବାର୍ଷିକ ୩ ନିୟୁତ ଟନ୍‌କୁ ବୃଦ୍ଧି ପାଇବା ସହ ମୋଟ୍ ନିବେଶ ପ୍ରାୟ ୨୦ହଜାର କୋଟି ହେବ। ଏହି ପ୍ରକଳ୍ପ ଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଯଥେଷ୍ଟ ନିଯୁକ୍ତି ସୃଷ୍ଟି ହେବ। ସ୍ଥାନୀୟ ଉଦ୍ୟୋଗ, ସେବା ପ୍ରଦାନକାରୀ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ ପାଇଁ ଆହୁରି ସୁଯୋଗ ସୃଷ୍ଟି ହେବ। ଏହି ପ୍ରସ୍ତାବକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ରାଜ୍ୟର ଖଣିଜ ସମ୍ପଦକୁ ଅଧିକ ମୂଲ୍ୟଯୁକ୍ତ ଉତ୍ପାଦନ ଓ ଗୁଣାତ୍ମକ ନିଯୁକ୍ତିରେ ରୂପାନ୍ତରିତ କରିବା ଆମର ଲକ୍ଷ୍ୟ ଏବଂ ଆମର ଏହି ଦୂରଦୃଷ୍ଟିର କେନ୍ଦ୍ରବିନ୍ଦୁରେ ରହିଛି ଆଲୁମିନିୟମ। ଓଡ଼ିଶା କେବଳ ଦେଶରେ ଆଲୁମିନା ଓ ଆଲୁମିନିୟମ ଉତ୍ପାଦନରେ ଅଗ୍ରଣୀ ହେବନାହିଁ, ବରଂ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଶିଳ୍ପ ବ୍ୟବସ୍ଥା ଗଢ଼ି ତୋଳିବ ଏବଂ କଂସାରୀଗୁଡ଼ା ପ୍ରକଳ୍ପ ଏହି ଗତିକୁ ଆହୁରି ମଜଭୁତ କରିବ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

### ପାଠ୍ୟପୁସ୍ତକ ତ୍ରୁଟିର

# ହେବ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ

ଭୁବନେଶ୍ୱର,(ଜା.ପ୍ର): ପିଲାଙ୍କ ପାଠ୍ୟବହି ତ୍ରୁଟି ମାମଲାରେ ଏଣ୍ଟ୍ରି ମାରିବ କ୍ରାଇମବ୍ରାଞ୍ଚ। ବହି ଲେଖାରୁ ଛପା ଯାଏଁ ପୂରା ଘଟଣାକୁ ଘାଣ୍ଟିବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ମାଳ ମାଳ ତ୍ରୁଟି ପାଇଁ ଦାୟୀ କିଏ, ଏହାପଛରେ ରହିଛି କି ବଡ଼ ଷଡ଼ଯନ୍ତ୍ର? ଏହାକୁ ଖୋଜି ବାହାର କରିବା ଲାଗି ପାଠ୍ୟପୁସ୍ତକ ତ୍ରୁଟି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ସମଗ୍ର ପ୍ରକ୍ରିୟାର ଅପରାଧିକ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ସିଇଆରଟି ନିର୍ଦ୍ଦେଶକଙ୍କ ପକ୍ଷରୁ ପ୍ରଥମେ କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ନିକଟରେ ଏତଲା ଦିଆଯିବ। ଏହାପରେ ଅପରାଧିକ ମାମଲା ରୁଜୁ କରି ସ୍ୱତନ୍ତ୍ର ଟିମ୍ ଗଠନ ସହ ଘଟଣାର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବ କ୍ରାଇମବ୍ରାଞ୍ଚ। ତ୍ରୁଟିପୂର୍ଣ୍ଣ ସ୍କୁଲ ବହି ଛପାରେ ଷଡ଼ଯନ୍ତ୍ର ଥିବା ମୁଖ୍ୟମନ୍ତ୍ରୀ ପୂର୍ବରୁ କହି ସାରିଛନ୍ତି।

ସୂଚନାଯୋଗ୍ୟ ଯେ, ବହିରେ ଭାଷା ଓ ତଥ୍ୟ ନେଇ ବାହାରିଥିଲା ମାଳ ମାଳ ଭୁଲ୍। ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ଚିହ୍ନଟ ହୋଇଛି ପ୍ରାୟ ଦୁଇ ହଜାର ତ୍ରୁଟି। ଏନେଇ ପ୍ରବଳ ସମାଲୋଚନାର ଶିକାର ହୋଇଥିଲେ ସରକାର। ପାଠ୍ୟ ପୁସ୍ତକ ତ୍ରୁଟିଜନିତ ବିଷୟର କାରଣ ଅନୁସନ୍ଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଏହି କମିଟିର ରିପୋର୍ଟ ଅନୁଯାୟୀ ଏସ୍‌ସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସହିତ ୩ ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ କୁମାର ସାହୁ ଓ ଭାରତୀ ଟୁଡୁଙ୍କୁ ନିଲମ୍ବିତ କରାଯାଇଥିଲା। ଏହା ସହିତ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏମାନେ ହେଲେ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ ଏବଂ ଡକ୍ଟର ସୁଦର୍ଶନ ସନ୍ତରା।

ସେପଟେ ଶିକ୍ଷାବିତ୍ କହିଛନ୍ତି, ସ୍କୁଲ ପାଠ୍ୟ ପୁସ୍ତକ ତ୍ରୁଟିନେଇ ମୁଖ୍ୟମନ୍ତ୍ରୀ ଦେଇଥିବା କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ। କିନ୍ତୁ କେଉଁ କେଉଁମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ, ତାର ଫ୍ରେମୱର୍କ କଣ ? ଯେଉଁମାନେ ବହିପାଇଁ ବିଷୟବସ୍ତୁ ସ୍ଥିର କରିଥିଲେ, ତାକୁ ଯାଞ୍ଚ କରିଥିଲେ, ସେମାନଙ୍କୁ କିଏ ଚୟନ କରିଥିଲା, ତାହା ପ୍ରଥମେ ଖୋଜାଯିବା ଦରକାର। କିଛି ଜଣଙ୍କ ବଦଳରେ ତଦନ୍ତ ବ୍ୟାପକ ଏବଂ ସଠିକ୍ ଭାବେ କରାଗଲେ ପ୍ରକୃତ ଅପରାଧୀ ଧରାପଡ଼ିବେ ବୋଲି ଶିକ୍ଷାବିତ୍ କହିଛନ୍ତି।

## ରାଜଧାନୀରେ ଅଘଟଣ: ପାଇଖାନା ଟାଙ୍କିରେ ଗଲା ୨ ଜୀବନ

ଭୁବନେଶ୍ୱର,(ଜା.ପ୍ର): ରାଜଧାନୀ ଭୁବନେଶ୍ୱରରେ ପାଇଖାନା ଟାଙ୍କିରେ ଫସିଯାଇ ଦୁଇ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ବଡ଼ଗଡ଼ ଥାନା ଅନ୍ତର୍ଗତ ବିଜେବି ନଗର ଅଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଛି । ମୃତ ଶ୍ରମିକଦ୍ୱୟ ହେଲେ ପଶ୍ଚିମବଙ୍ଗ ପୂର୍ବ ମେଦିନପୁର ଜିଲ୍ଲା ଖେଜୁରୀ ଥାନା ଅଞ୍ଚଳର ପୋବିର ଦାସ (୫୦) ଓ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଅଞ୍ଚଳର ଧୂମା ଟୁଡୁ (୪୦)। ଉଭୟ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇପଡ଼ିବାରୁ ଏହି ଅଘଟଣ ଘଟିଛି । ତେବେ ଟାଙ୍କି ଭିତରେ ସେଣ୍ଟ୍ରିଂ ପଟା ଖୋଲିବା ବେଳେ ସୁରକ୍ଷା ବ୍ୟବସ୍ଥା କରାଯାଇନଥିବାରୁ ଏଭଳି ଅଘଟଣ ଘଟିଛି। ସ୍ଥାନୀୟ ଶ୍ରମିକଙ୍କ ସୂଚନା ଅନୁଯାୟୀ, ବିଜେବି ନଗରସ୍ଥିତ ପାରାମାଉଣ୍ଟ ସ୍ପୋର୍ଟସ୍ କ୍ଲବ ନିକଟ ଏକ ନିର୍ମାଣାଧୀନ ବହୁମହଲା କୋଠାରେ ଏହି ଘଟଣା ଘଟିଛି। ଦିନ ପ୍ରାୟ ୨ଟା ବେଳେ ଅନ୍ୟ ଶ୍ରମିକମାନେ ନିଜ ନିଜ କାମରେ ବ୍ୟସ୍ତ ଥିଲେ। ହେଲେ ଏହି ଶ୍ରମିକ ଦ୍ୱୟ ପାଇଖାନା ଟାଙ୍କି ଭିତରେ ପଶି ସେଣ୍ଟ୍ରିଂ ପଟା ଖୋଲିବା କାମ କରୁଥିଲେ। ଜଣେ ଶ୍ରମିକ ପଟା କାଢ଼ିବାକୁ ଟାଙ୍କି ଭିତକୁ ଯାଇଥିଲେ। ତେବେ ସେ ସେଠାରେ ଫସି ଯିବାରୁ ଅନ୍ୟ ଜଣେ ତାଙ୍କୁ ଉଦ୍ଧାର କରିବାକୁ ଭିତକୁ ଯାଇଥିଲେ। ହେଲେ ଉଭୟ ଶ୍ୱାସରୁଦ୍ଧ ହୋଇ ଗୁରୁତର ହୋଇପଡ଼ିଥିଲେ। ଖବର ପାଇ ଭୁବନେଶ୍ୱର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରିଥିବାବେଳେ ବ୍ୟବଚ୍ଛେଦ ପ୍ରକ୍ରିୟା ଶେଷ ହେବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

## ଇସ୍ତଫା ଦେଲେ ଓଡ଼ିଶା କ୍ୟାଡର୍ ଆଇପିଏସ୍

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶା କ୍ୟାଡରର ଆଉ ଜଣେ ଆଇପିଏସ୍ ଅଧିକାରୀ ଇସ୍ତଫା ଦେଇଛନ୍ତି। ୨୦୨୫ ବ୍ୟାଚର ଯୁବ ଆଇପିଏସ୍ ଅଫିସର ୩୩ ବର୍ଷୀୟ ଚୌଧୁର ଅଭିଜିତ ରାମଦାସ ଚାକିରିରୁ ଇସ୍ତଫା ଦେଇଥିବା ଜଣାପଡିଛି। ମହାରାଷ୍ଟ୍ର ବାରାମତୀ ଅଞ୍ଚଳର ଅଭିଜିତ ଗତ ବର୍ଷ ଆଇପିଏସ୍ ପାଇଥିଲେ। ତାଙ୍କୁ ଓଡ଼ିଶା କ୍ୟାଡର ମିଳିଥିଲା। ତେବେ ତାଙ୍କୁ ଏ ପର୍ଯ୍ୟନ୍ତ ଓଡ଼ିଶାରେ ନିଯୁକ୍ତି ମିଳିନଥିଲା। ବର୍ତ୍ତମାନ ସେ ପ୍ରୋବେସନାରୀ ଆଇପିଏସ୍ ଅଧିକାରୀ ଭାବେ ହାଇଦ୍ରାବାଦ ସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପୁଲିସ ଏକାଡେମୀରେ ପ୍ରଥମ ପର୍ଯ୍ୟାୟ ଟ୍ରେନିଂ ନେଉଛନ୍ତି । ଅଭିଜିତଙ୍କ ଇସ୍ତଫା ପତ୍ର ମିଳିଥିବା ନେଇ ଓଡ଼ିଶା ପୁଲିସ ପକ୍ଷରୁ ସୂଚନା ମିଳିଛି। ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା ଜଣାପଡ଼ିଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଗତ ୬ ତାରିଖରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଚାକିରିରୁ ଇସ୍ତଫା ଦେବା କଥା ସାମ୍ନାକୁ ଆସିଥିଲା। ସେ ମଧ୍ୟ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିବା କହିଥିଲେ। କିଛି ଦିନ ମଧ୍ୟରେ ଓଡ଼ିଶା କ୍ୟାଡରର ଦୁଇ ଦୁଇ ଜଣ ଯୁବ ଆଇପିଏସ୍ ଅଧିକାରୀ ଚାକିରିରୁ ଇସ୍ତଫା ଦେବାକୁ ନେଇ ଚର୍ଚ୍ଚା ବଢ଼ିଛି।

## ‘କେଜିରୁ ପିଜି ନାମଲେଖା ଦ୍ୱନ୍ଦ୍ୱ ଦୂର ପାଇଁ ଆସିବ ଏସ୍‌ଓପି’

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ କେଜିରୁ ପିଜି ମାଗଣା ଶିକ୍ଷା ଯୋଜନାକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଦୂର ହେବାକୁ ଯାଉଛି। ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ଆସନ୍ତା ସରକାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଜାରି କରିବେ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ଉଚ୍ଚଶିକ୍ଷା ବିଭାଗରେ ଏନେଇ ଏକ ସ୍ୱତନ୍ତ୍ର ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି।

ପ୍ରକାଶ ଯେ କେଜିରୁ ପିଜି ମାଗଣା ଆଡମିଶନ୍ ଲାଗି ରାଜ୍ୟ ସରକାରଙ୍କ ଘୋଷଣା ପରେ କଲେଜ କର୍ତ୍ତୃପକ୍ଷମାନେ ଆଡମିଶନ୍ ତ ମାଗଣା କରୁଛନ୍ତି କିନ୍ତୁ ପିଲାଙ୍କଠାରୁ ଅଣ୍ଡରଟେକିଂ ବି ରଖୁଛନ୍ତି। ଫି’ ଛାଡ଼ ଘୋଷଣା ସତ୍ତ୍ୱେ ଅନୁଦାନପ୍ରାପ୍ତ କଲେଜଗୁଡ଼ିକ ଫି’ ବାବଦକୁ ଭରଣା ଅର୍ଥକୁ ଭରସା କରିପାରୁନାହାନ୍ତି। ଆଡମିସନ୍ ପାଇଁ ଗାଇଡ୍ ଲାଇନ୍ ଆସିଥିଲେ ହେଁ କଲେଜ ପରିଚାଳନା କେମିତି ହେବ ସେ ନେଇ କୌଣସି ନିର୍ଦ୍ଦେଶନାମା ଆସିନାହିଁ। ଏଯାଏ କେଜିରୁ ପିଜି ମାଗଣା ଶିକ୍ଷା ଦ୍ୱନ୍ଦ୍ୱ ଛିଡ଼ିଲାନି। ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକ କେବେ ପାଇବେ ଛାତ୍ରଛାତ୍ରୀଙ୍କ ଫି’ ଛାଡ଼ର ଭରଣା ଅର୍ଥ ତାକୁ ନେଇ ଲାଗି ରହିଛି ସସପେନ୍ସ। ଆଡମିସନ୍ ଓ ରି’ ଆଡମିସନ ଫି ଦେବେନି ଛାତ୍ରଛାତ୍ରୀ। ସରକାରଙ୍କ ଏହି ନିଷ୍ପତ୍ତିରେ ପିଲା ଓ ଅଭିଭାବକ ତ ଖୁସି, କିନ୍ତୁ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକର ଦୁଃଖ ବଢ଼ିଯାଇଛି। କାରଣ ପିଲାଙ୍କ ଠାରୁ ଆସୁଥିବା ଆଡମିସନ ଫି’ରୁ ପୂରା କଲେଜ ଚାଲେ ଓ ଅଧ୍ୟାପକ କର୍ମଚାରୀ ଦରମା ପାଆନ୍ତି। ଅଧ୍ୟାପକ ଓ କର୍ମଚାରୀଙ୍କ ଦରମା, ଲାଇବ୍ରେରୀ, ଲ୍ୟାବ୍, ସଫେଇ, ସୁରକ୍ଷା ବ୍ୟବସ୍ଥା ଓ ବିଦ୍ୟୁତ୍ ବିଲ୍ ଭଳି ଦୈନନ୍ଦିନ ଖର୍ଚ୍ଚ ବହନ କରାଯାଏ । ସରକାର ଯଦି ଠିକ୍ ସମୟରେ ଅର୍ଥ ପ୍ରଦାନ ନ କରନ୍ତି, ତେବେ କଲେଜ ପରିଚାଳନାରେ ଗୁରୁତର ସମସ୍ୟା ଆସିପାରେ। ଏବେ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକ ବାଧ୍ୟ ହୋଇ ପିଲାଙ୍କ ମାଗଣା ଆଡମିଶନ ସିନା କରୁଛନ୍ତି, କିନ୍ତୁ ବ୍ୟବସ୍ଥା ଉପରେ ଭରସା ନଥିବାରୁ ପିଲାଙ୍କଠାରୁ ଆଡମିଶନ ସମୟରେ ଅଣ୍ଡରଟେକିଂ ରଖାଯାଉଛି।

## ଜିଆରଏସ୍‌ଙ୍କ ତଥ୍ୟ ମାଗିଲେ ସରକାର

ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍: ୫ ବର୍ଷ କିମ୍ବା ତା’ଠାରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟରତ ଥିବା ଗ୍ରାମ ରୋଜଗାର ସେବକ ବା ଜିଆରଏସ୍‌ଙ୍କର ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ନିଯୁକ୍ତି, ସେବାକାଳଠାରୁ କାର୍ଯ୍ୟସ୍ଥିତି ପର୍ଯ୍ୟନ୍ତ ସମସ୍ତ ସୂଚନା ମାଗିଛନ୍ତି ସରକାର। ଏହି ତଥ୍ୟ ଆଧାରରେ ଏକ କେନ୍ଦ୍ରୀକୃତ ଡାଟାବେସ୍ ପ୍ରସ୍ତୁତ କରିବେ ସରକାର। ଏନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଚିଠି ଲେଖି ୧୫ ଦିନ ମଧ୍ୟରେ ସବିଶେଷ ତଥ୍ୟ ପଠାଇବାକୁ କୁହାଯାଇଛି ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଉପ ସଚିବଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କ ପାଇଁ ଜାରି ହୋଇଥିବା ଚିଠିରେ କୁହାଯାଇଛି, ‘୫ ବର୍ଷ କିମ୍ବା ତା’ଠାରୁ ଅଧିକ ନିରବଚ୍ଛିନ୍ନ ସେବା ପୂରଣ କରିଥିବା ଜିଆରଏସ୍‌ମାନଙ୍କ ଏକ ସମନ୍ୱିତ ଡେଟାବେସ ପ୍ରସ୍ତୁତ କରିବାକୁ ସରକାର ବିଚାର କରୁଛନ୍ତି। ଏହି ତଥ୍ୟ ପ୍ରଶାସନିକ ପରିଚାଳନା, ଭବିଷ୍ୟତର ନୀତି ନିର୍ଦ୍ଧାରଣ ଓ ବିଭିନ୍ନ ସେବା ସମ୍ବନ୍ଧୀୟ ପ୍ରସ୍ତାବର ପରୀକ୍ଷାରେ ସହାୟକ ହେବ। ପୂର୍ବରୁ ଯୋଗ୍ୟ ଗ୍ରାମ ରୋଜଗାର ସେବକଙ୍କୁ ଆକାଉଣ୍ଟାଣ୍ଟ-ତଥା-ଡାଟା ଏଣ୍ଟ୍ରି ଅପରେଟର ବା ଏଡିଇଓ ପଦରେ ସାମିଲ କରିବା ସମ୍ପର୍କିତ ପ୍ରସ୍ତାବ ବେଳେ ମଧ୍ୟ ଏଭଳି ତଥ୍ୟର ଆବଶ୍ୟକତା ପଡ଼ିଥିବାରୁ ଏହାକୁ ସ୍ଥାୟୀ ଭାବେ ସଂରକ୍ଷଣ କରିବାକୁ ବିଭାଗ ଉଦ୍ୟମ କରିଛି।’

ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଜିଲ୍ଲାରେ କାର୍ଯ୍ୟରତ ଏବଂ ଚିଠି ଜାରି ତାରିଖ ସୁଦ୍ଧା ପାଞ୍ଚ ବର୍ଷ କିମ୍ବା ତା’ଠାରୁ ଅଧିକ ସେବା ପୂରଣ କରିଥିବା ସମସ୍ତ ଜିଆରଏସମାନଙ୍କ ବିସ୍ତୃତ ତଥ୍ୟ ପଠାଇବାକୁ ଜିଲ୍ଲାପାଳଙ୍କୁ କୁହାଯାଇଛି। ଏଥିରେ ସେମାନଙ୍କ ନାମ, ସାମାଜିକ ବର୍ଗ, ଶିକ୍ଷାଗତ ଯୋଗ୍ୟତା, ପ୍ରଥମ ନିଯୁକ୍ତି ତାରିଖ, ମୋଟ ସେବାକାଳ, ବର୍ତ୍ତମାନ କାର୍ଯ୍ୟରତ ବ୍ଲକ ଓ ଗ୍ରାମ ପଞ୍ଚାୟତର ନାମ, କାର୍ଯ୍ୟସ୍ଥିତି (କାର୍ଯ୍ୟରତ, ନିଲମ୍ବିତ କିମ୍ବା ଅବ୍ୟାହତ), ସେବା ନିରବଚ୍ଛିନ୍ନ ରହିଛି କି ନାହିଁ ଏବଂ ଆବଶ୍ୟକ ମନ୍ତବ୍ୟ ସାମିଲ କରିବାକୁ ନିର୍ଦ୍ଦେଶ ରହିଛି । ତଥ୍ୟଗୁଡ଼ିକୁ ନିର୍ଦ୍ଦିଷ୍ଟ ପତ୍ରରେ ପ୍ରସ୍ତୁତ କରି ହାର୍ଡ କପି ସହ ଏଡିଟେବଲ ଏମ୍‌ଏସ ଏକ୍ସେଲ ଫର୍ମାଟରେ ଇ-ମେଲ ଯୋଗେ ପଠାଇବାକୁ ପଡ଼ିବ।

ଜାତୀୟ ଚେତନା
JATIYA CHETANA







# ମଲାନଈ

## ସୁନନ୍ଦା ମହାନ୍ତି

ନଈ ଭଳି ବହିଯାଉଥିବା ବୋଉକୁ ପିଲାଦିନୁ ଦେଖି ଯେତିକି ଆଶ୍ଚର୍ଯ୍ୟ ହୁଏ, ସେତିକି ଶିଖେ ମୁଁ। ବୋଉ ମୋର ଛଅଟା ପିଲାଙ୍କୁ ଜନ୍ମ ଦେଇ ମଣିଷ କରିବା କି କଷ୍ଟ ସତରେ ! ବାପା ରୋଜଗାର କରନ୍ତି ସତ, ହେଲେ ଘରର ଯାବତୀୟ ଆବିଳତାକୁ ସ୍ରୋତ ପରି ବାହିନେଇ ନଈରୂପୀ ବୋଉ ମୋର ସଭିଙ୍କ ମନରେ ଖୁସି ଭରିଦେଉଥାଏ। କେମିତି ବୁଝିପାରେ ସେ ସମସ୍ତଙ୍କ ମନ କଥା ? କାହାକୁ ପଖାଳ ସାଙ୍ଗକୁ ପୋଡ଼ାପୋଡ଼ି ସହ ବଡ଼ିଭଜା, ତ କାହାକୁ ଛେନା କ୍ଷୀର ରୁଟି, ଆଉ କାହାକୁ ଚୁନା ଚୁନା ଆଳୁଭଜା ସହ ଅଣ୍ଡାଭଜା ଓ ପଖାଳ। ପୁଣି କିଏ ଘୋଡ଼େଇ ହେବ ଚାଦର, ତ କିଏ କମ୍ବଳ, ତ କିଏ ରେଜେଇ, ପୁଣି କିଏ କନ୍ଥା ! ବୋଉ ମୋର ସକାଳୁ ସଞ୍ଜ ଯାଏଁ କୁଳୁକୁଳୁ ବହୁଥାଏ ନଈଟିଏ ପରି; ନା ଥାଏ ପ୍ରତିବାଦ, ନା ଥାଏ ବିରକ୍ତି।

ସେଥିରେ ପୁଣି ଚଢ଼େଇ ପେଟ ଚିହ୍ନେ, ଅତିଥି ଅଭ୍ୟାଗତ ସେବାରେ ଲାଗିଥାଏ ନଈ ଗଙ୍ଗା ପରି। ଆମେ ପାଠ ପଢୁ, ବୋଉ ଜଗିବସେ ନ ଶୋଇ ନଈ ସରସ୍ୱତୀଙ୍କ ପରି। ଦୀନ ଦୁଃଖୀ କେହି ଫେରିଯାନ୍ତି ନାହିଁ ଆମ ଘରୁ। କଥାରେ ଥାଏ ଅମୃତ, ଶିଖାଏ ନଈ କାବେରୀ ପରି- କେହି ମାଗୁଛି ତ ସାମର୍ଥ୍ୟ ଭିତରେ କିଛି ଦିଅ, ନଦେବାର କରନି; ମିଠା କଥାରେ ହୃଦୟ କିଣି ନିଅ ଅନ୍ୟର। ସତେ ଯେମିତି ତା' ଉପଦେଶ ନଈର କୁଳୁକୁଳୁ ଶବ୍ଦ ପରି ଭାରି ମନମୁଗ୍ଧକର, ଆଉ ମାନିଗଲେ ଜୀବନଟା ନଈ କୂଳିଆ ସୁଲୁସୁଲୁ ବାଆ ପରି ମନେହୁଏ। ସତରେ ମୋ ବୋଉ ପରି କିଏ ହେବ ? ଦୁଇକୂଳର ହିତ ସାଧନର ଉଦାହରଣ ଦେବାକୁ ମୋ ପାଖରେ ଭାଷା ନଥିଲା, ଯେବେ ବାପା ତାକୁ ଛାଡ଼ି ଆଗ ଚାଲିଗଲେ ଆଉ କୁଳୁକୁଳୁ ବହୁଥିବା ନଈଟା ହଠାତ ନିଥର ପାଲଟିଗଲା, ସତେ ଯେମିତି 'ମଲାନଈ'।

ସେଦିନ ଗୋଟେ ବନ୍ଧୁ ମିଳନ ଆସରରେ ଏମିତି ସବୁ କଥା ଭିତରେ, ଆମ ସମାଜରେ ନାରୀ ତୁଳନାରେ ପୁରୁଷଟିଏ ଆଗ ଚାଲିଯାଏ କାହିଁକି, ତାର ଉତ୍ତରରେ କିଏ କହୁଥିଲା ଦୁହେଁ ସାତ ଜନ୍ମର ସାଥୀ, ତ ମନ ଭରୁନଥିଲା। ପୁରୁଷ ବା ସ୍ୱାମୀ ଚାଲିଯିବାର ଢେର ସାରା ବର୍ଷ ଯାଏଁ ସ୍ତ୍ରୀଟି ତ ବଞ୍ଚିରହେ; ତ ଯଦି ପର ଜନ୍ମର ସାଥୀ, ସ୍ୱାମୀ କଣ ସେତେଦିନ ଅଶରୀରୀ ହୋଇ ରହିଥାଏ ନା କଣ ! ଏମିତି ଅନେକ ଅଛିଣ୍ଡା ପ୍ରଶ୍ନର ଉତ୍ତର ଭିତରେ ହଠାତ କେହି ଜଣେ କହିଲେ, 'ଆରେ, ନାରୀ ହୃଦୟ ଦୁଃଖ କଷ୍ଟ ଯନ୍ତ୍ରଣା ଭିତରେ ପଥର ହେଇଯାଇଥାଏ, ତ ସେ ଦୁଃଖ ସହି ସହି ସଂସାରରେ ନଈ ଭଳି ସେସବୁ ବାହି ଆଗକୁ ବହି ଚାଲେ ପରା।' ମୋ ପାଟିରୁ ବାହାରି ପଡ଼ିଲା- ଇଉରେକା, ଇଉରେକା !

ସତରେ ସେଦିନ ଦେଖିଲା ବେଳକୁ ବୋଉ ନାତୁଣୀର ଝିଅକୁ ଗୋଡ଼ ଲମ୍ୱେଇ ତେଲ ହଳଦୀ ଲଗେଇ ଦେଉଛି। ପୁଣି ଆଉ ଗୋଟିଏ ନାତୁଣୀର କଣ ହେବାକୁ ଥିବାରୁ 'ସାତମାସିଆ' ପିଠା ପାଇଁ ଆରିଷା ପିଠା ଯୋଜନାରେ ଅଛି। ମୋ ଆଖିରୁ ଗଡ଼ି ପଡ଼ିଲା ଦୁଇ ବୁନ୍ଦା ଅଶ୍ରୁ। ବୋଉ ବାପାଙ୍କ ବେକରୁ ମଉଳା ଫୁଲ କାଢ଼ି ସଦ୍ୟ ମାଳା ପିନ୍ଧାଉଥିଲା। ନାରୀର ନଈ ଭଳି ଜୀବନ ଭିତରେ ମୁଁ ମୋ ବୋଉକୁ କୁଣ୍ଢାଇ ମନଇଚ୍ଛା କାନ୍ଦିଥିଲି, ଆଉ ବୋଉ ଶୂନ୍ୟ ମନ ଶୂନ୍ୟ ଆଖିରେ ମୋ ମୁହଁ ପୋଛୁଥିଲା ତା' ମମତ୍ୱପୂର୍ଣ୍ଣ ପଣତରେ।

ସବୁ ବୋଉମାନେ ବୋଧେ ଏମିତି ! ଯେତେଟା ସନ୍ତାନ ଥାଆନ୍ତୁ ନା କାହିଁକି, ସମସ୍ତଙ୍କୁ ସ୍ନେହ ଶ୍ରଦ୍ଧା ବାଣ୍ଟିଦେଇଥାନ୍ତି ସମାନ ଭାବେ। ନହେଲେ ପିଲାବେଳେ ଛଅ ଭାଇଭଉଣୀଙ୍କ ପସନ୍ଦ ଜାଣୁଥିବା ବୋଉ, ତାଙ୍କ ପାଇଁ କେମିତି ବାଢ଼ିଦିଏ- କାହାକୁ ଉଷୁମ ଉଷୁମ ଚାଇଁ ପଖାଳ ସାଙ୍ଗକୁ ପାଗପୁଗା, ତ କାହାକୁ ଚୁନା ଚୁନା କଟା ଆଳୁ ଭଜା ସହ ଅଣ୍ଡା ଭୁଜିଆ, ପୁଣି କାହାକୁ ଗରମ ଭାତ ସାଙ୍ଗକୁ ଚୁଙ୍ଗୁଡ଼ି କାଳିଆ। ଏବେ ସେହି ଛଅ ଭାଇଭଉଣୀଙ୍କ ଭିତରୁ ବଡ଼ ଝିଅ ସୁନିତାଙ୍କର ପୁଅଟିଏ ପରେ ଝିଅଟିଏ ଆସିଛି କୋଳକୁ। ସବୁ ସ୍ନେହ ଶ୍ରଦ୍ଧା ସହିତ ତା' ସୁରକ୍ଷା ପାଇଁ ଖୁବ ଚିନ୍ତିତ ମା' ସୁନିତା। ଜନ୍ମ ବେଳେ ଏକୋଇଶିଆରେ କୋଷ୍ଠି ଗଣନା କରି ଜଣେ ନାହାକ 'କାଳସର୍ପ ଦୋଷ' ଅଛି କହିଥିବାରୁ, ସେ କଥା ସୁନିତାଙ୍କ ମନରେ ଗଭୀର ଭୟ ସୃଷ୍ଟି କରିଥିଲା। କୋଷ୍ଠୀ ଗଣନା ଚାଲିଥିଲା ବିଭିନ୍ନ ନାହାକମାନଙ୍କ ପାଖେ। ଜାତକ ଦେଖି କୋଉ ନାହାକ 'ପାଣିକୁ ଜଗିଥିବେ', ତ କିଏ 'ନିଆଁକୁ ଜଗିଥିବେ' କହୁଥିଲା ବେଳେ, କିଏ କହେ 'ଜଗତଜିତା ହେବ'। ସୁନିତା କିନ୍ତୁ ଡାକୁଥାଆନ୍ତି- 'ମା' ଲୋ ମା' କାକଟପୁର ମଙ୍ଗଳା ମାଆ, ମୋ ଝିଅକୁ ରକ୍ଷା କର ମା'। ତତେ ଡାକି ଡାକି କେତେ କଷ୍ଟରେ ମୋର ଏ ଝିଅ। ତା' ଭାଇ ସହ ଝିଅକୁ ମୋର ବୁଦ୍ଧି, ବିଦ୍ୟା, ଧନ, ଜନ, ଗୋପ, ଲକ୍ଷ୍ମୀ ଦେବା ସହ ଆୟୁଷ, ଆଶିଷ ଓ ନିରୋଗୀ ରଖ ମା'।' ପୁଣି ଡାକୁଥାଆନ୍ତି ବୀରହନୁମାନଙ୍କୁ, କାରଣ ତାଙ୍କ ଝିଅ ନିଜେ ପିଲାଦିନୁ ବୀରହନୁମାନଙ୍କୁ ଦେଖି ଖୁବ ଖୁସି ହେବା ସଙ୍ଗେ ସଙ୍ଗେ ପଚାରି ବସେ- 'ସେ କେମିତି ଖାଇବେ ଓ କଥା କହିବେ ମାଆ ? ତାଙ୍କ ପାଟି କାହିଁକି ଏମିତି ହୋଇଛି ? ତୁ ଭୋଗ ବଦଳରେ ଔଷଧ ଆଣିଲୁନି ତାଙ୍କ ପାଇଁ !' ଝିଅର ପ୍ରଶ୍ନରେ ସୁନିତା କହନ୍ତି- 'ସେ ପରା ଠାକୁର ଝିଅ ! ସେ ନିଜେ ନିଜର ସବୁ ଅସୁବିଧା ଦୂରେଇ ନିଜ ସୁରକ୍ଷା ନିଜେ କରିପାରିବେ।' ପିଲାଦିନେ କିଛି କିଛି ବୁଝୁଥିବା, କିଛି କିଛି ବୁଝୁନଥିବା ଝିଅ ଏବେ ଗଭୀର ପାଣି ଭିତରେ ଯୋଗଭ୍ୟାସ କରିବା ଦେଖି ସୁନିତା ଆଶଙ୍କିତ ହୋଇପଡୁଥିଲା ବେଳେ, ଝିଅ କହେ- 'ତୁ ପରା କହୁ ମାଆ ଯେ, 'ଡର କାହାକୁ, ଭୟ କାହାକୁ... ଈଶ୍ୱର ଅଛନ୍ତି ଚଉବାହାକୁ'। ତୁ ପରା କହୁଥିଲୁ ମୋର ମାଆ କାକଟପୁର ମଙ୍ଗଳା ଓ ବୀରହନୁମାନ ସାହା ବୋଲି।' ଝିଅକୁ ହଁ ହଁ କହିଦେଇ ଭାବନାରେ ବୁଡ଼ି ଯାଆନ୍ତି ସୁନିତା।

ଝିଅ ଜନ୍ମ ହେବା ଦିନର ଘଟଣା ମନେ ଅଛି ସୁନିତାଙ୍କର। ନର୍ସ ଦିଦି ତାଗିଦ କରି କହିଗଲେ- 'ପିଲାକୁ ଘୋଡ଼େଇ ରଖି ବସ ଝିଅ।' ଏତିକି କହି କହୁଥିଲେ- 'ଏତେ ପିଲା ଆଜି ଏ ୱାର୍ଡରେ ଜନ୍ମ ହୋଇଛନ୍ତି, କୋଉ ବେଡ଼୍‌ରେ ଏମିତି ପିଲାଟିଏ ଅଛି କହ ତ ! ପ୍ରଥମ ସନ୍ତାନ ପୁଅ ହୋଇସାରିଛି ବୋଲି ଦ୍ୱିତୀୟ ସନ୍ତାନକୁ ଅଣଦେଖା କରିବା ଉଚିତ ନୁହଁ।' ଝିଅ ଜନ୍ମ ହୋଇଛି ବୋଲି ମନ ଟିକେ ନା ଟିକେ କୋଉଠି ଊଣା ଥିଲେ ବି ବୁଝିଗଲା ସୁନିତାଙ୍କ ମନ। ଦିଦିଙ୍କ ସେହି କେଇପଦ ଶବ୍ଦ ସମାହାର ବାକ୍ୟଟିରେ ତ, ସୁନିତା ଝିଅକୁ କୋଳକୁ ନେଇ ଆଗ୍ରହରେ କ୍ଷୀର ଦେଉ ଦେଉ ଦେଖିଲେ- ପାଖ ବେଡ଼୍‌ରେ ବର୍ଷେ ପାଖାପାଖି ଝିଅଟିଏର ନାକରେ ଅକ୍ସିଜେନ ନଳୀ ଲାଗି ହେଙ୍କା ଉଠୁଥାଏ, ଓ ପାଖରେ ମାଆଟି କାନ୍ଦୁଥାଏ। ସୁନିତାଙ୍କ ଦେଖାଶୁଣା କରିବା ପାଇଁ ତାଙ୍କ ପାଖରେ ଥିବା ତାଙ୍କ ନିଜ ଆଈ ଓ ମାଉସୀ ଶାଶୁ ପରସ୍ପର ଭିତରେ କଥା ହେଉଥାଆନ୍ତି ଯେ, ବିବାହର ପନ୍ଦର ବର୍ଷ ପରେ ମାଆ ହୋଇଥିବା ସାନଯାଆ, ଘର କାମ କରିବାକୁ ତା' ଛୋଟ ଝିଅ ଛାଡୁନଥିବାରୁ, ବଡ଼ଯା ଅର୍ଥାତ ଶିଶୁକନ୍ୟାର ବଡ଼ମାଆ, ଛୁଆଟିକୁ ଅଫିମ ଦେଇ ଶୁଆଇବାର ନିର୍ଦ୍ଦେଶ ଦେଇଥିଲେ। ସେ କଥାଟି ସବୁଦିନିଆ ରୁଟିନ୍ ହୋଇଯାଇଥିଲା, ଆଉ ସେହି କାରଣରୁ ଏବେ ଛୋଟ ଝିଅର ବାନ୍ତି ଓ ଝାଡ଼ା, ପୁଣି ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ। ଡକ୍ଟର କହୁଛନ୍ତି- 'ଭଗବାନଙ୍କୁ ଡାକ। ନିଜେ ଯୋଉ ଭୁଲ କରିଛ, ତାକୁ ସୁଧାରିବାକୁ ଆମେ ଅସମର୍ଥ।' ତଥାପି ଝିଅଟିର ହେଙ୍କା ଉଠୁଥାଏ ରାତିସାରା ଓ ମାଆଟି କାନ୍ଦୁ କାନ୍ଦୁ ହଠାତ ହେଙ୍କା ବନ୍ଦ ହୋଇଗଲା ଛୋଟ ଝିଅଟିର। କାନ୍ଦର ରୋଳରେ ହସ୍ପିଟାଲ ଫାଟି ପଡୁଥିଲା ବେଳେ, ଏପଟ ବେଡ଼୍‌ରେ ସୁନିତା ନିଜ ଝିଅ ବେବିନା ଦେହରୁ ମଶା ଉଡ଼ାଉ ଉଡ଼ାଉ କୋଳରେ ଚାପି ଧରି, କାହିଁକି କେଜାଣି କାନ୍ଦିଥିଲେ ଖୁବ। ଆଜି ଝିଅ ଗଭୀର ପାଣି ଭିତରେ ଯୋଗ କରିବା ସେ ସହନ୍ତେ କେମିତି !

ସେଦିନ ଯୋଗ କରୁ କରୁ ଅନେକ ପିଲାଙ୍କ ଭିତରୁ ପୁଅଟିଏ ଗଭୀର ଜଳ ଭିତରେ ଶ୍ୱାସରୁଦ୍ଧ ହୋଇ ଚାଲିଗଲା ଆରପୁରକୁ। ଝିଅ ବେବିନା ଖୁବ ଡେରିରେ ଘରକୁ ଫେରିଲା ସେଦିନ। ସେଦିନ ରାତିରେ ସୁନିତା ଶୋଇପାରିନଥିଲେ। ଝିଅ ରୁମ୍‌କୁ ପଶିଆସିବାରୁ ପଚାରିଲା- 'ତୁ ଏଯାଏଁ ଶୋଇନୁ ମାଆ !' 'ତୁ ମଧ୍ୟ ଶୋଇନୁ ତ !' 'ହଁ, ସେଇ ପୁଅର ମୃତ୍ୟୁ ଗଭୀର ଦୁଃଖ ଦେଉଛି ମାଆ।' ସୁନିତା କଇଁ କଇଁ ହୋଇ କାନ୍ଦି ଉଠିଲେ। ଝିଅ ବେବିନାକୁ କୋଳରେ ଧରି ଖୁବ କାନ୍ଦିଥିଲେ ସେ ରାତିସାରା। କହୁଥିଲେ-'ପୁଅ ହେଉ ଅବା ଝିଅ, ମାଆ ପାଇଁ ତା' ସନ୍ତାନ ସବୁକିଛି।' ମାଆ ସୁନିତାଙ୍କ କାନ୍ଦ ଓ କଥାରେ କେତେ ଗଭୀରତା ଥିଲା କେଜାଣି, ଝିଅ ବେବିନା କିନ୍ତୁ ଏବେ ଆଉ ଗଭୀର ଜଳ ଭିତରେ ଯୋଗାଭ୍ୟାସ କରୁନଥିଲା, ସେ ଅଭ୍ୟାସ ଛାଡ଼ି ଦେଇଥିଲା। ଦିନେ କିନ୍ତୁ ଯୋଗରେ ବିଶ୍ୱ ରେକର୍ଡ ସୃଷ୍ଟି କରି ମାଆ ସହ ବାପାଙ୍କୁ ଚମତ୍କୃତ କରିଦେଇଥିଲା ବେବିନା। ଗଭୀର ଆବେଗରେ ବାପା କହୁଥିଲେ- 'ଝିଅ କାହାର !' ସୁନିତା ମଧ୍ୟ କହୁଥିଲେ- 'ନାତୁଣୀ କାହାର !' ଆଈଙ୍କ ଭଳି ହେଉଛୁ ତୁ ମାଆ ବୋଲି କହି ବେବିନା ପୁଣି କହୁଥିଲା କିଛି... ଆଈ ପରା କହନ୍ତି, 'ଡର କାହାକୁ ଭୟ କାହାକୁ... ଈଶ୍ୱର ଅଛନ୍ତି ଚଉବାହାକୁ', ଯାହା ତୁ ମତେ ଓ ଭାଇକୁ କହୁ ସବୁବେଳେ।'

ବେବିନାର ଆଈ ଅର୍ଥାତ ସୁନିତାଙ୍କ ସେଇ ବୋଉ ଆଜି ବଦଳି ଯାଇଛନ୍ତି। ବାପାଙ୍କ ଆବର୍ତ୍ତମାନରେ ଏକୁଟିଆ ହୋଇଯାଇଛନ୍ତି। ବୋଉ ତାଙ୍କର ଆଇନା ଆଡ଼କୁ ଚାହିଁ ଡାକ ପକେଇଥିଲା- 'ଦଉଡ଼ି ଆସେ ଝିଅ, ଭୂତ !' ଭୂତର ଇମୋଜି। ସତକୁ ସତ ଦଉଡ଼ି ଆସି ସୁନିତା ଦେଖିଲା, ବୋଉ ନିଜ ଛବିର ପ୍ରତିବିମ୍ବକୁ ଦର୍ପଣରେ ଦେଖି କହୁଥିଲା- 'ଭୂତ, ଭୂତ, ଭୂତ !' (ଭୂତର ଇମୋଜି)। ତା' ପରଠୁ ବୋଉ ଏମିତି ଅନେକ ଅପ୍ରସାଙ୍ଗିକ କଥା କହୁଥିଲା; ଯେମିତିକି ସକାଳୁ ଉଠି ପଚାରୁଥିଲା- 'ଆଜି ପରା ସାବିତ୍ରୀ, ମୁଗ ବତୁରେଇନୁ କି ଝିଅ ! କେତେ କାଳେ ଆସିଛୁ ମୋ ପାଖକୁ ପୁରୀ ଘରକୁ, ଏତିକି ତ ଅନ୍ତତଃ କରିଦେ।' ସୁନିତା ଆଶ୍ଚର୍ଯ୍ୟରେ ବୋଉକୁ ଚାହିଁ କହୁଥିଲା- 'ସାବିତ୍ରୀ ଆଜି ! ଯଦି ଆଜି, ତେବେ ବଡ଼ମନ୍ଦିରର ଅବଢ଼ା ଖାଇ ସାତପୁରୁଷି ପରମ୍ପରା ଅନୁସାରେ, ପୁରୀବାସୀଙ୍କ ଅଭ୍ୟାସ ଢଙ୍ଗରେ ଖାଇନେବା ଶାନ୍ତିରେ। ଆଉ ମୁଗ ବତୁରେଇବା ଚିନ୍ତା ବୋଉର ଆସିଲା କୁଆଡୁ ?' ବୋଉର ଏମିତି ଏମିତି ଅନେକ କଥାରେ ଅନ୍ତ ନଥିଲା। ବୋଉ ଅନ୍ୟ ଦୁନିଆରେ ଅଛି, ଯୋଉଠି ଅନେକ ଢଙ୍ଗ ଓ ରଙ୍ଗର ଇମୋଜି ତାକୁ ଓ ତାର ଭାବନାକୁ କାୟା ବିସ୍ତାର କରି ରଖିଛି। ବ୍ୟସ୍ତ ହୋଇପଡ଼ିଲୁ ଆମେ ଭାଇଭଉଣୀମାନେ। ସ୍ଥିର କଲୁ ଛଅ ଜଣ ଯାକ ମିଶି ବୋଉକୁ ନେଇଯିବା ପାଖକୁ। କିଛି ନହେଲେ ଅନ୍ତତଃ ବାପାଙ୍କ ଆବର୍ତ୍ତମାନର ଦୁଃଖ ଭୁଲିଯିବ ତ ବୋଉ। ସେୟା ହେଲା ଓ ପ୍ରଥମ ପାଳି ବଡ଼ଝିଅ ସୁନିତାଙ୍କ ଉପରେ ହିଁ ନ୍ୟସ୍ତ ଥିଲା। ଯା' ହେଉ, ବୋଉ ତା' ପ୍ରିୟ ନାତି ନାତୁଣୀଙ୍କୁ ଦେଖି ଏମିତି ଭିନ୍ନ ଭିନ୍ନ ଚିନ୍ତାଧାରାର ଇମୋଜି ଅନ୍ତତଃ ପ୍ରକାଶ କରିବ ନାହିଁ। କିନ୍ତୁ ଫଳ ଓଲଟା ହେଲା। ପ୍ରିୟ ନାତି ନାତୁଣୀ ଏଇଥି ପାଇଁ କି ଯେ, ବଡ଼ଝିଅର ପ୍ରଥମ ନାତି ଓ ନାତୁଣୀ ଦୁହେଁ ତାର ପ୍ରଥମ ଆଈ ହେବାର ଅନୁଭବ ହୋଇଥିବାରୁ, ସେମାନଙ୍କୁ ଖୁବ ଭଲ ପାଉ ପାଉ ଅନ୍ୟମାନେ ଯିଏ ଯେତେ ଆସିଥିଲେ ବି, ପ୍ରଥମ ପ୍ରେମକୁ ନଭୁଲି ପାରିଲା ପରି, ପ୍ରଥମ ନାତି ନାତୁଣୀ ନିଶ୍ଚୟ ନିଆରା। ଭାବି ବୋଉ ଏଣିକି ଠିକ୍ ହୋଇଯିବ ଭାବୁଥିବା ଝିଅ ସୁନିତା କିନ୍ତୁ ଭୁଲ୍ ପ୍ରମାଣିତ ହୋଇସାରିଥିଲେ; କାରଣ ବଡ଼ ନାତି ରୁବା ଭିତରେ ସେ ଭଣଜା ବୁବୁନାଙ୍କ ଇମୋଜି ଦେଖୁଥିଲା, ତ ବଡ଼ ନାତୁଣୀ ବେବିନା ଭିତରେ ଆଉ କାହା ଇମୋଜି ଦେଖି, କେତେବେଳେ କଣ ବୋଲି ଭାବୁଥିଲା ତାକୁ ଓ ଡାକୁଥିଲା ସେହି ନାମରେ।

ଯୋଗକୁ ସାବିତ୍ରୀ ଆସିଗଲା। ଏଇ ବୋଉ, ଯିଏ ସାବିତ୍ରୀ ଆସିବା ପୂର୍ବରୁ କେତେ ଚଳଚଞ୍ଚଳ ଥିଲା, ଆଜି ସେ ଇମୋଜିଟିଏ ମାତ୍ର। ବାପାଙ୍କ ହାତରେ ସାବିତ୍ରୀ ଉପକରଣ ସହ ଅବଢ଼ା ପଠେଇ ଦେଉଥିଲା ଝିଅ ବୋହୂମାନଙ୍କ ପାଇଁ। ପୁଣି ଝିଅ ବୋହୂମାନେ ତା' ପାଇଁ ପଠେଇଥିବା ଶାଢ଼ି, ଚୁଡ଼ି ଦେଖେଇ ହେଉଥିଲା ପଡ଼ୋଶୀ ସ୍ତ୍ରୀଲୋକମାନଙ୍କ ଆଗରେ। ଏମିତି କହି କି ଯେ- 'ମୋ ବୋଉ (ଆମ ଆଈ) ସିନା ଚାଲିଗଲା, ହେଲେ ଝିଅ ବୋହୂ ମୋ ପାଇଁ ପଠେଇଛନ୍ତି।' କେତେବେଳେ କେମିତି ବାପାଙ୍କୁ ଲୁଚି ଲୁଚି ପାଦ ଛୁଇଁବା ବେଳର ଫଟୋ ମଧ୍ୟ ଉଠେଇ, ତାକୁ ବନ୍ଧେଇ କରି ଦେଇଯାଇଥାନ୍ତି ଝିଅ ବୋହୂମାନେ, ଯେ ପଣତରେ ଝଡ଼ା ପୋଛା କରୁଥାଏ ଧୂଳି ସେହି ଫଟୋସବୁରୁ। ସତରେ କେଡ଼େ ଚଞ୍ଚଳ ଖୁସିର ଦିନ ତାର ସରିଗଲା ! ତା' ସହିତ ଆମଠୁ ଭାଗ୍ୟ ଛଡ଼େଇ ନେଲା 'ବାପା' ଡାକ। ଏଇ ସମୟରେ ବୋଉର ବଡ଼ ପାଟି ଶୁଣି ଭାବନା ରାଜ୍ୟରୁ ଫେରି ଧାଇଁଯାଇଥିଲେ ତା' ରୁମ୍‌କୁ ସୁନିତା। ତ ଡ୍ରେସିଂ ଟେବୁଲ ପାଖେ ଠିଆ ହୋଇ ଆଇନା ଦେଖି ବୋଉ ସେହିଭଳି କହୁଥାଏ- 'ଦେଖ ଦେଖ ଝିଅ, ସେ କିଏ ? ଭୂତ। ନିଶ୍ଚୟ ଭୂତ।' ଭୂତ ଇମୋଜି ତା' ମୁଣ୍ଡରୁ ବାହାର କରିବାକୁ ଯାଇ ସୁନିତା କହିଲେ- 'ଏ ପରା ତୁ। ତୋରି ଛବି। ଭୂତ କାହିଁ !' ବୋଉ କହୁଥିଲା- 'ନା, ନା, ଏ ମୋ ଛବି ନୁହେଁ। ହାତରେ ଚୁଡ଼ି ନାହିଁ, ମୁଣ୍ଡରେ କି ସିନ୍ଥିରେ ସିନ୍ଦୁର ନାହିଁ, ପୁଣି ଗୋଡ଼ରେ ଝୁଣ୍ଟିଆ ନାହିଁ। ଇଏ କାହିଁକି ମୁଁ ହେବି ମ !' ଏହା ପରେ ବୋଉକୁ ଡାକ୍ତର ପାଖକୁ ନେବାକୁ ଆମେ ବାଧ୍ୟ ହୋଇଥିଲୁ। ନିଜେ ନିଜର ପୂର୍ବ ଇମୋଜି ବଦଳରେ ନୂତନ ସଂସ୍କରଣର ଇମୋଜିକୁ ତାକୁ ମାନିନେବାକୁ ହେବ। 'ଏହି ତ ଏ ସଂସାରର ନିୟମ' କହି ସେଦିନ କଇଁ କଇଁ କାନ୍ଦିଲା ବେଳେ, ଅନ୍ୟମାନେ ପ୍ରବୋଧନା ଦେଉଥିଲେ ବଡ଼ଭଉଣୀ ସୁନିତାଙ୍କୁ। ବଡ଼ ନାତୁଣୀ ବେବିନା କିନ୍ତୁ ଆଈ ଗୋଡ଼ରେ ଓ ହାତରେ ନେଲ୍ ପଲିସ୍ ଲଗେଇ ଚାଲିଥିଲା ବେଳେ, ଝିଅ ସୁନିତା ତାଙ୍କ ବୋଉ ମୁହଁର ଖୁସି ଓ ଆନନ୍ଦର ଇମୋଜିକୁ ପଢ଼ିବାକୁ ଚେଷ୍ଟା କରୁଥିଲେ।

ସାକ୍ଷୀଗୋପାଳ, ପୁରୀ
ମୋ:୯୦୪୦୯୭୭୩୨୭

# ବର୍ଷା



ବାରିଦର ବାରିଧାରେ
ମଣ୍ଡୁକେ ମିଳିଲେ ଯାଇ
ଜଳଧିର ଜଳେ
କେଁ କାଁ ରଡ଼ି କରି
ହଳଦୀଗଣ୍ଠି ରଙ୍ଗରେ
ଅନାବୃତ ବୃଷ୍ଟି ପାଇ
ସଙ୍ଗମ କରନ୍ତି ଯାଇ
ଆନନ୍ଦ ମନେ ॥
କେକୀ ଉଡ଼ି ଆସି ବସେ
ଧରଣୀର ବକ୍ଷେ
କଳା ବାଦଲକୁ ଦେଖି
ଢଳି ଢଳି ନାଚ କରେ
ଝାଡ଼ିଦେଇ ଚନ୍ଦ୍ରିକା କେତେ
ମହୀ ମଣ୍ଡିତ କରେ
ହରସ ଚିତ୍ତରେ ॥
ବାଳକେ କାଗଜ ଧରି
ହସ୍ତାକ୍ଷର ଖାତା ଚିରି
କାଗଜ ଡଙ୍ଗା ଗଢ଼ନ୍ତି
ନେଇ ବେନି କରେ
ଓଳିଝରା ପାଣିରେ
ଫୁଟକା ଫୁଟେଇ
ଭସେଇ ଦିଅନ୍ତି
ଗୀତ ଗାଇ ଆନନ୍ଦ ମନେ ॥
ରଇତ ଭାଇଟି
ନେଇ ହଳ ହଳିସାଥେ
ଚଉତିଶା ଗାଇ ସୀତା
କାଟି କୋଟି ବୀଜ ବିଞ୍ଚି
ଆଶା ରଖିଥାଏ କ୍ଷେତୁ
ଅମଳ କରିବ ଶସ୍ୟ
ମହା ଆନନ୍ଦରେ ॥
ବରଷା ରାଣୀଗୋ ତୁମେ
ଉଲ୍‌ହାଇ ମର୍ତ୍ତ୍ୟ ମଣ୍ଡଳେ
ଢାଳି ଦେଲ କେତେ ପାଣି
ପୁଲକିତ କଲ ଏ ଧରଣୀ
ସଭିଙ୍କୁ ହରସ ଦେଇ
ନିଜେ କରୁଛ ରୋଦନ
ତୁମ ଅଶ୍ରୁ ପରା ଅଟେ
ଜୀବନ ବିନ୍ଦୁ ମହୀର
ଏଇତ ଅଶ୍ରୁ ତୁମର
ମନ ହରସର ॥

**ଦିଗମ୍ବର ବେହେରା**
କୁମୁଟିଗୁଡ଼ା, ମାଲକାନଗିରି
ପିନ୍- ୭୬୪୦୪୫
ମୋ: ୯୭୭୬୪୫୬୪୮୭

ଜାତୀୟ ଚେତନା
JATIYA CHETANA



## ଫିଫା ବିଶ୍ୱକପ୍ ୨୦୨୬

# ଷଷ୍ଠ ଥର ସେମିଫାଇନାଲ୍‌ରେ ଆର୍ଜେଣ୍ଟିନା




କାନ୍‌ସାସ୍,(ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଣ୍ଟିନା ଚଳିତ ଫୁଟ୍‌ବଲ୍ ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ପହଞ୍ଚିଛି। ଟିମ୍ ଅନ୍ତିମ କ୍ୱାର୍ଟର୍ ଫାଇନାଲ୍‌ରେ ସ୍ୱିଜରଲାଣ୍ଡକୁ ୩-୧ରେ ହରାଇଛି। ଷଷ୍ଠ ଥର ବିଶ୍ୱକପ୍ ସେମିଫାଇନାଲ୍ ସ୍ଥାନ ହାସଲ କରିଥିବା ଲିଓନେଲ୍ ମେସିଙ୍କ ଟିମ୍ ଜୁଲାଇ ୧୫ ତାରିଖରେ ଇଂଲଣ୍ଡକୁ ଭେଟିବ।

କାନ୍‌ସାସ୍ ସିଟି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଆର୍ଜେଣ୍ଟିନା ୧୦ମ ମିନିଟ୍‌ରେ ଆଗୁଆ ହୋଇଥିଲା। ପେନାଲ୍ଟି କର୍ଣ୍ଣରରୁ ଲିଓନେଲ୍ ମେସିଙ୍କ ଏକ ଚମତ୍କାର ପାସ୍‌ରେ ଆଲେକ୍ସିସ୍ ମ୍ୟାକ୍ ଏଲିଷ୍ଟର୍ ହେଡର୍ ଜରିଆରେ ଗୋଲ୍ ଦେଇଥିଲେ। ଏହା ମେସିଙ୍କ ୧୦ ଗୋଲ୍ ଆସିଷ୍ଟ ହୋଇଥିବା ବେଳେ ଚଳିତ ସଂସ୍କରଣରେ ଏହା ଆର୍ଜେଣ୍ଟିନାର ଦ୍ରୁତତମ ଗୋଲ୍ ଥିଲା। ତେବେ ୬୭ତମ ମିନିଟ୍‌ରେ ସ୍ୱିଜରଲାଣ୍ଡ ପକ୍ଷରୁ ଡାନ୍ ଏନ୍‌ଡୋଏ ଗୋଲ୍ ଦେଇ ସ୍କୋର୍ ୧-୧ କରିଥିଲେ। ନିର୍ଦ୍ଧାରିତ ୯୦ ମିନିଟ୍ ପର୍ଯ୍ୟନ୍ତ ସ୍କୋର ୧-୧ ରହିଥିଲା। ଇନ୍‌ଜୁରୀ ଟାଇମ୍‌ରେ ମଧ୍ୟ କୌଣସି ଗୋଲ୍ ହୋଇନଥିଲା। ଅତିରିକ୍ତ ସମୟର ୧୧୨ତମ ମିନିଟ୍‌ରେ ଜୁଲିୟନ୍ ଅଲ୍‌ଭାରେଜ୍ ଏବଂ ୧୨୧ତମ ମିନିଟ୍‌ରେ ଏମି ମାର୍ଟିନେଜ୍ ଗୋଲ୍ କରି ଆର୍ଜେଣ୍ଟିନାକୁ ଲଗାତାର ଦ୍ୱିତୀୟ ବିଶ୍ୱକପ୍ ସେମିଫାଇନାଲ୍‌ରେ ପହଞ୍ଚାଇଥିଲେ।

ଏହି ବିଜୟ ସହିତ ଆର୍ଜେଣ୍ଟିନା ଗୋଟିଏ ବିଶ୍ୱକପ୍‌ର ଦୁଇ ଅଲଗା ମ୍ୟାଚ୍‌ରେ ଅତିରିକ୍ତ ସମୟର ଗୋଟିଏ ହାଫ୍‌ରେ ୨-୨ ଗୋଲ୍ କରିବାରେ ପ୍ରଥମ ଟିମ୍ ହୋଇଛି। ଆର୍ଜେଣ୍ଟିନା ରାଉଣ୍ଡ ଅଫ୍ ୩୨ରେ କେପ୍ ଭର୍ଡେ ବିପକ୍ଷ ଅତିରିକ୍ତ ସମୟରେ ଡବଲ୍ ଗୋଲ୍ କରିଥିଲା। ସେହିପରି ଟିମ୍ ଲଗାତାର ୧୫ମମ ମ୍ୟାଚ୍‌ରେ ଗୋଲ୍ କରିଛି। ଟୁର୍ଣ୍ଣାମେଣ୍ଟ ଇତିହାସରେ ସବୁଠୁ ଲମ୍ବା ଗୋଲ୍ କରିବା ସିରିଜ୍ କେବଳ ଉରୁଗୁଏ (୧୬ ମ୍ୟାଚ୍, ୧୯୩୦-୧୯୬୨), ହଙ୍ଗେରୀ (୧୭ ମ୍ୟାଚ୍, ୧୯୩୪-୧୯୬୨), ଜର୍ମାନୀ (୧୮ ମ୍ୟାଚ୍, ୧୯୩୪-୫୮ ଏବଂ ୧୯୮୬-୧୯୯୮) ଏବଂ ବ୍ରାଜିଲ୍ (୧୮ ମ୍ୟାଚ୍, ୧୯୩୦-୧୯୫୮) ନାମରେ ରହିଛି।

# ବେଲିଙ୍ଗ୍‌ହାମ୍‌ଙ୍କ ଡବଲ୍‌ରେ ଜିତିଲା ଇଂଲଣ୍ଡ




କାନ୍‌ସାସ୍,(ଏଜେନ୍ସି): ଜୁଡ୍ ବେଲିଙ୍ଗ୍‌ହାମ୍‌ଙ୍କ ଦୁଇ ଗୋଲ୍ ବଳରେ ଇଂଲଣ୍ଡ ଚଳିତ ଫୁଟ୍‌ବଲ୍ ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ପ୍ରବେଶ କରିଛି। ରବିବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଟିମ୍ ନରୱେକୁ ଅତିରିକ୍ତ ସମୟରେ ୨-୧ରେ ହରାଇଛି। ଇଂଲଣ୍ଡ ୨୦୧୮ ପରେ ପ୍ରଥମ ଥର ଅନ୍ତିମ-୪ରେ ସ୍ଥାନ ହାସଲ କରିଛି। ମିୟାମୀ ଷ୍ଟାଡିୟମ୍‌ରେ ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୧-୧ ସ୍କୋର୍‌ରେ ବରାବର ଥିଲା। ଏହାପରେ ରିୟଲ୍ ମାଦ୍ରିଦ୍ ଷ୍ଟାର୍ ମିଡ୍‌ଫିଲ୍ଡର୍ ଜୁଡ୍ ବେଲିଙ୍ଗ୍‌ହାମ୍ ଅତିରିକ୍ତ ସମୟର ୩ୟ ମିନିଟ୍‌ରେ ବିଜୟୀ ଗୋଲ୍ ଦେଇଥିଲେ।

ନରୱେ ୩୬ତମ ମିନିଟ୍‌ରେ ଆଣ୍ଡ୍ରିଆସ୍ ଶେଲ୍ଡେରୁପ୍‌ଙ୍କ ଗୋଲ୍‌ରେ ଆଗୁଆ ହୋଇଥିଲା। ଏହାପରେ ପ୍ରଥମ ହାଫ୍‌ର ଇନ୍‌ଜୁରୀ ଟାଇମ୍‌ରେ (୪୫+୨ ମିନିଟ୍) ବେଲିଙ୍ଗ୍‌ହାମ୍ ଗୋଲ୍ ଦେଇ ସ୍ଥିତି ବରାବର କରିଥିଲେ। ଏହି ସ୍ଥିତି ନିୟମିତ ସମୟ ପର୍ଯ୍ୟନ୍ତ ରହିଥିଲା। ମାତ୍ର ଅତିରିକ୍ତ ସମୟର ୩ୟ ମିନିଟ୍ (୯୦+୩)ରେ ବେଲିଙ୍ଗ୍‌ହାମ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେଇ ଇଂଲଣ୍ଡକୁ ବିଜୟୀ କରାଇବା ସହିତ ଅନ୍ତିମ-୪ରେ ପହଞ୍ଚାଇଥିଲେ। ଏହି ଦୁଇ ଗୋଲ୍‌କୁ ମିଶାଇ ଚଳିତ ଟୁର୍ଣ୍ଣାମେଣ୍ଟରେ ବେଲିଙ୍ଗ୍‌ହାମ୍‌ଙ୍କ ଗୋଲ୍ ସଂଖ୍ୟା ୬ ହୋଇଛି ଏବଂ ସେ କ୍ୟାପ୍ଟେନ୍ ହ୍ୟାରୀ କେନ୍‌ଙ୍କ ସମକକ୍ଷ ହୋଇଛନ୍ତି।

# ଇଂଲଣ୍ଡ ଗସ୍ତ ପରେ ବଦଳିବ ଭାରତୀୟ କୋଚିଂ ଷ୍ଟାଫ୍ !

ନୂଆଦିଲ୍ଲୀ,(ଏଜେନ୍ସି): ଇଂଲଣ୍ଡ ଓ ଆୟର୍ଲାଣ୍ଡ ବିପକ୍ଷରେ ଲଗାତାର ଦୁଇଟି ଟି-୨୦ ସିରିଜ୍ ହାରିବା ପରେ ଭାରତୀୟ ଟିମ୍‌ର ସପୋର୍ଟ ଷ୍ଟାଫ୍‌ରେ ପରିବର୍ତ୍ତନ ହୋଇପାରେ। ରିପୋର୍ଟ ଅନୁସାରେ ସହାୟକ କୋଚ୍ ର୍ୟାନ୍ ଟେନ୍ ଡୋଶେଟ୍ ଏବଂ ବୋଲିଂ କୋଚ୍ ମୋର୍ନେ ମୋର୍କେଲ୍ ଟିମ୍‌ରୁ ବାଦ୍ ପଡ଼ିପାରନ୍ତି। ଦୁହିଁଙ୍କ କଣ୍ଟ୍ରାକ୍ଟ ଇଂଲଣ୍ଡ ବିପ୪ ଦିନିକିଆ ସିରିଜ୍ ପରେ ଶେଷ ହେଉଛି। ଲଗାତାର ଖରାପ ପ୍ରଦର୍ଶନ ପରେ ବିସିସିଆଇ ଟିମ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ପ୍ରଦର୍ଶନର ସମୀକ୍ଷା କରିବ। ଟିମ୍‌ର ଖରାପ ଫିଲ୍ଡିଂ ମଧ୍ୟ ବୋର୍ଡର ଚିନ୍ତା ବଢ଼ାଇଛି। ଟିମ୍ ଇଣ୍ଡିଆ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତରେ ୧୦ରୁ ଊର୍ଦ୍ଧ୍ୱ କ୍ୟାଚ୍ ହାତଛଡ଼ା କରିଛି। ଫଳରେ ଫିଲ୍ଡିଂ କୋଚ୍ ଟି. ଦିଲୀପ୍‌ଙ୍କ ମଧ୍ୟ ହଟାଯିବାର ସମ୍ଭାବନା ରହିଛି। ଗତବର୍ଷ ତାଙ୍କୁ ଅଭିଷେକ ନାୟର୍‌ଙ୍କ ସହ ଟିମ୍‌ରୁ ବାହାର କରାଯାଇଥିଲା। କିନ୍ତୁ ପରେ ପୁଣିଥରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

ରିପୋର୍ଟ ଅନୁସାରେ ର୍ୟାନ୍ ଟେନ୍ ଡୋଶେଟ୍ ପୂରା ବର୍ଷ ଭାରତୀୟ ଟିମ୍ ସହିତ ଲଗାତାର ଯାତ୍ରା କରିବାକୁ ନେଇ ସନ୍ତୁଷ୍ଟ ନାହାନ୍ତି। ସେ ନିଜର ଏହି କଥା ବିସିସିଆଇ ସାମ୍ନାରେ ମଧ୍ୟ ରଖିଛନ୍ତି। ଏହା ସହିତ ତାଙ୍କର କୌଣସି ଆଇପିଏଲ୍ ଫ୍ରାଞ୍ଚାଇଜି ସହିତ ଯୋଡ଼ି ହେବାର ଚର୍ଚ୍ଚା ମଧ୍ୟ ହେଉଛି। ସେହିପରି ମୋର୍ନେ ମୋର୍କେଲ୍ ମଧ୍ୟ ଦ୍ୱିତୀ ବିପକ୍ଷ ଉପରେ ବିଚାର କରୁଛନ୍ତି। ଯଦି ଡୋଶେଟ୍ ଏବଂ ମୋର୍କେଲ୍‌ଙ୍କୁ ସପୋର୍ଟ ଷ୍ଟାଫ୍‌ରୁ ହଟାଯାଏ ତେବେ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ (ସିଓଇ)ର ନୂଆ ଫାଷ୍ଟ ବୋଲିଂ କୋଚ୍ ଲକ୍ଷ୍ମୀପତି ବାଲାଜୀଙ୍କୁ ଶ୍ରୀଲଙ୍କା ଗସ୍ତରେ ଭାରତୀୟ ଟିମ୍ ସହିତ ପଠାଯାଇପାରେ। ଭାରତ ଅଗଷ୍ଟ ପ୍ରାରମ୍ଭରେ ଶ୍ରୀଲଙ୍କା ବିପକ୍ଷରେ ଦୁଇଟି ଟେଷ୍ଟ ମ୍ୟାଚ୍‌ର ସିରିଜ୍ ଖେଳିବ। ସେହିପରି ଜୁଲାଇ ଶେଷ ଆଡ଼କୁ ଜିମ୍ବାୱେ ଗସ୍ତରେ ହେବାକୁ ଥିବା ଟି-୨୦ ସିରିଜ୍‌ରେ ଭିଭିଏସ୍ ଲକ୍ଷ୍ମଣ ସିଓଇ କୋଚିଂ ଷ୍ଟାଫ୍ ସହିତ ଟିମ୍ ଇଣ୍ଡିଆର ଦାୟିତ୍ୱ ସମ୍ଭାଳିବେ।

# କାମ କରି ଜାଣିଲେ ସହଜ



## ଶୁଭ୍ରଜିତ୍ ଦାଶ (ଟିକୁନ୍)



ଗୋଟିଏ ଗାଁରେ ବୁଢ଼ାଟିଏ ଓ ବୁଢ଼ୀଟିଏ ରହୁଥିଲେ। ଦିନେ ଦୁହେଁ ପରସ୍ପରର କାମକୁ ନେଇ ଝଗଡ଼ା ଲାଗିଲେ। ବୁଢ଼ା କହିଲା- ମୁଁ କରୁଥିବା କାମ ତୁ କରୁଥିବା କାମ ଠାରୁ ଅଧିକ କଷ୍ଟସାଧ। ବୁଢ଼ୀ ମଧ ସେହି ଏକା କଥା କହିଲା। ଝଗଡ଼ା ଶେଷରେ ସ୍ଥିର ହେଲା ଯେ, ବୁଢ଼ା କାମ ବୁଢ଼ୀ କରିବ ଓ ବୁଢ଼ୀ କାମ ବୁଢ଼ା କରିବ।

ତା' ପରଦିନ ସକାଳୁ ବୁଢ଼ୀ ବୁଢ଼ାର କାମ କରିବାକୁ ଯାଇ ଲଙ୍ଗଳରେ ଦୁଇ ବଳଦକୁ ବାନ୍ଧି ଜମି ଚାଷ କରିବାକୁ ଗଲା। ଜମିରେ ଚାଷ କରିବା ସମୟରେ ଚାଷ କରିବାର ଧାରା ଜଣାନଥିବାରୁ ବୁଢ଼ୀ କୁ ବଳଦ ଦୁହେଁ ନାତ ମାରି ରକ୍ତାକ୍ତ କରିପକାଇଲେ। ଖଣ୍ଡିଆ ଖାବରା ହୋଇ ବହୁତ କଷ୍ଟରେ ବୁଢ଼ୀ ଆସି ଘରେ ପହଞ୍ଚିଲା।

ଏଣେ ଘରେ ବୁଢ଼ା ବୁଢ଼ୀର କାମ କଲାବେଳେ ଗାଈଠାରୁ କ୍ଷୀର ଦୁହିଁବା ସମୟରେ ସେହି ନାତ ଖାଇବାକୁ ପଡ଼ିଲା। ବୁଢ଼ା ଓ ବୁଢ଼ୀ ଦୁହେଁ ଏବେ ବୁଝିଗଲେ ଯେ, ନିଜର କାମଟି ନିଜ ପାଇଁ ହିଁ ସହଜ ହୋଇଥାଏ। ଅଥବା ଯଦି ଆମେ କୌଣସି କାମ ମନଦେଇ କରିଥାଏ, ତେବେ ସେହି କାମଟି କେବେ ବି କଷ୍ଟ ଲାଗି ନ ଥାଏ। ତେଣୁ ସବୁ କାମ କରି ଜାଣିଲେ ସହଜ।

*୫ମ ଶ୍ରେଣୀ, ପି.ଏମ୍. ଶ୍ରୀ ପଞ୍ଚୁପଲ୍ଲୀ*
*ସୋମନାଥ ଉଚ୍ଚ ବିଦ୍ୟାଳୟ, ଆଙ୍କୁଲାଚଟୀ, ଖୋର୍ଦ୍ଧା*

# ପ୍ରତୀକ୍ଷା



ବାପାଙ୍କୁ ମୁଖାଗ୍ନି ଦେଇ ସଦ୍ୟ ଫେରିଥିବା
ନାବାଳକର ବିଷାଦିତ ମୁଖମଣ୍ଡଳ ପରି
ମେଘଭର୍ତ୍ତି ଆକାଶ
ପ୍ରବାସୀ ପତିର ଫେରନ୍ତା ପଥକୁ
ଆକୁଳ ଆଖିରେ ଅନେଇଥିବା ବିରହିଣୀ
ପତ୍ନୀ ପରି
ଚାତକିନୀର ପ୍ରଲମ୍ବିତ ଶୋଷ
ଚଳନ୍ତି ସମୟର ପ୍ରେମିକ ପ୍ରେମିକାଙ୍କ
ମନଭୁଲାଣିଆ ମିଛିମିଛିକା ପ୍ରେମ ଭଳି
ମୌସୁମୀର ଲୁଚକାଳି ଖେଳ
ପାଣି ମୁନ୍ଦେ ଲାଗି ଡହଳବିକଳ
ଆତ୍ମାରେ
ସେଥିଲାଗି ତ ଆସ୍ଥାନ ପାତିଛି ଅସମାପ୍ତି
ଅବସୋସ
ମଣିଷ ତକେଇଛି
କେବେ ଆସିବ ଆଷାଢ଼ର ପ୍ରଥମ
ଦିବସ ?

**ଗୋପୀନାଥ ଦାଶ**
ବ୍ରାହ୍ମଣକୁଶଡିହ, ଆଙ୍କୁଲାଚଟୀ, ଖୋର୍ଦ୍ଧା
ମୋ: ୮୦୧୮୮୮୧୪୧୧



ଜାତୀୟ ଚେତନା
JATIYA CHETANA



# ଲକ୍ଷ୍ମଣଙ୍କ ସହିତ କାମ କରିବେ ହ୍ରିତିକ୍

ବଲିଉଡ୍ ସୁପରଷ୍ଟାର୍ ହ୍ରିତିକ୍ ରୋଶନ ପୁଣିଥରେ ଦମଦାର୍ ଅନ୍ଦାଜରେ ନଜର ଆସିବେ। ଗତବର୍ଷ ସ୍ପାଇ-ୟୁନିଭର୍ସର ଫିଲ୍ମ 'ୱାର୍-୨' ଆଶାଠାରୁ ଓଲଟା ହୋଇଥିଲା ଓ ବକ୍ସ ଅଫିସରେ ଚାଖିଥିଲା ଅସଫଳତାର ସ୍ୱାଦ। ତେଣୁ ଦର୍ଶକମାନେ ହ୍ରିତିକଙ୍କର ଏକ ନୂଆ ଫିଲ୍ମ ଅପେକ୍ଷାରେ ରହିଛନ୍ତି। କୁହାଯାଉଛି ଯେ, ଲୁକା ଚୁପି, ମିମି, ଜରା ହଟକେ ଜରା ବଚକେ ପରି ସଫଳ କାହାଣୀ ପରେ ବିକି କୌଶଲଙ୍କ ସହିତ ଫିଲ୍ମ 'ଛାଭା'ର ନିର୍ଦ୍ଦେଶକ ଲକ୍ଷ୍ମଣ ଉତେକରଙ୍କୁ ଦେଇଥିଲା ଜବରଦସ୍ତ ସଫଳତା। ଏହାପରେ ବଡ଼ ବଡ଼ କଳାକାରମାନଙ୍କ ସହିତ କାମ କରିବାକୁ ଚାହୁଁଥିବା ନିର୍ଦ୍ଦେଶକଙ୍କ ସୂଚୀରେ ଲକ୍ଷ୍ମଣଙ୍କ ନାମ ସାମିଲ ହୋଇଯାଇଥିଲା। ତେବେ ବର୍ତ୍ତମାନ ଲକ୍ଷ୍ମଣ, ଶ୍ରଦ୍ଧା କପୁରଙ୍କ ସହିତ ଫିଲ୍ମ 'ଛାଭା'ର ରିଲିଜ୍ ପାଇଁ ପ୍ରସ୍ତୁତ ହେଉଛନ୍ତି। ଫିଲ୍ମର ଟିଜରକୁ ଦର୍ଶକମାନେ ଖୁବ୍ ଭଲପାଇବା ଦେଇଥିବାରୁ ଫିଲ୍ମଟିକୁ ନେଇ ଦର୍ଶକ ମହଲରେ ଖୁବ୍ ଉତ୍ସାହ ଦେଖାଦେଇଛି। ତେବେ ହ୍ରିତିକ୍ ରୋଶନଙ୍କୁ ନିଜର ନୂଆ ଫିଲ୍ମ ପାଇଁ ଲକ୍ଷ୍ମଣ ଉତେକର ଆପ୍ରୋଚ୍ କରିଥିବା ଖବର ଆସୁଛି। କିନ୍ତୁ ଫିଲ୍ମ ବିଷୟରେ କିଛି ଅଧିକ ତଥ୍ୟ ଜଣାପଡ଼ି ନାହିଁ। ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ବର୍ତ୍ତମାନ ହ୍ରିତିକଙ୍କ ପାଖରେ ଅଛି କ୍ରିସ୍-୪, ରଜନୀକାନ୍ତଙ୍କ ଜେଲର-୨ (କ୍ୟାମିଓ) ଓ ହୋମ୍ବାଲେ ଫିଲ୍ମସର ଏକ ବଡ଼ ପ୍ରୋଜେକ୍ଟ। ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ବର୍ତ୍ତମାନ ହ୍ରିତିକଙ୍କ ପାଖରେ ଅଛି କ୍ରିସ୍-୪, ରଜନୀକାନ୍ତଙ୍କ ଜେଲର-୨ (କ୍ୟାମିଓ) ଓ ହୋମ୍ବାଲେ ଫିଲ୍ମସର ଏକ ବଡ଼ ପ୍ରୋଜେକ୍ଟ। ଏହି ସବୁ ବଡ଼ ବଜେଟ୍ ସିନେମା ମଧ୍ୟରେ ଲକ୍ଷ୍ମଣ ଉତେକରଙ୍କ ନୂଆ ପ୍ରୋଜେକ୍ଟକୁ ହ୍ରିତିକ୍ ଗ୍ରୀନ୍ ସିଗ୍ନାଲ୍ ଦେବେ କି ନାହିଁ, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଯଦି ଏହି ଫିଲ୍ମ ପାଇଁ ସେ ହଁ କହନ୍ତି, ତେବେ ପରଦାରେ ପ୍ରଥମ ଥର ପାଇଁ ଏକ ଭିନ୍ନ ଧରଣର କ୍ରିଏଟିଭ୍ ଯୋଡ଼ି ଦେଖିବାକୁ ମିଳିବ।







## ଏକ ପ୍ରେରଣାଦାୟୀ ଫିଲ୍ମ 'ଜୀବନଦାନ'

ରବୀନ୍ଦ୍ର ରତ୍ନ ପୁରସ୍କାର-୨୦୨୬, କୋଡାଇକାନାଲ୍ ଆନ୍ତର୍ଜାତିକ ଫିଲ୍ମ ଉତ୍ସବ-୨୦୨୬ରେ ବେଷ୍ଟ ଏସିଆନ୍ ଫିଚର ଫିଲ୍ମ କାଟାଗୋରୀ, ତାମିଲନାଡୁ ଆନ୍ତର୍ଜାତିକ ଫିଲ୍ମ ଉତ୍ସବ ଏସିଆ-୨୦୨୬ ଆଦି ପୁରସ୍କାରରେ ସମ୍ମାନିତ ହୋଇସାରିଛି ଫିଲ୍ମ 'ଜୀବନଦାନ'। ଏହାର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଦୀପେଶ ସାମନ୍ତରାୟ ଓ ଶ୍ୱେତାଶ୍ରୀ ପାଢ଼ୀ। ତାମିଲନାଡୁ ଓ କର୍ଣ୍ଣାଟକରେ ଫିଲ୍ମଟିକୁ ସ୍ୱୀକୃତି ମିଳିଥିବା ବେଳେ ବିହାରରେ ମଧ୍ୟ ମୁକ୍ତିଲାଭ କରି ଆନ୍ତର୍ଜାତୀୟ ସ୍ତରରେ ଫିଲ୍ମଟି ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ପ୍ରାପ୍ତ କରିଛି। ଫିଲ୍ମରେ ନିର୍ଦ୍ଦେଶକ ସୌରଭ ସରକାରଙ୍କ ଅଭିଜ୍ଞତାପୂର୍ଣ୍ଣ ନିର୍ଦ୍ଦେଶନା ସହଜରେ ଦେଖିବାକୁ ମିଳିଥାଏ। ତେବେ ପ୍ରଯୋଜିକା ପ୍ରଫେସର ସମାପିକା ମହାପାତ୍ରଙ୍କ ସ୍ୱପ୍ନ ଯେ ସଫଳ ହୋଇଛି, ଏଥିରେ ସନ୍ଦେହ ନାହିଁ। ଇତିହାସ ରଚିଛି- ବରିଷ୍ଠ ସାହିତ୍ୟିକ ରାଧାମୋହନ ମହାପାତ୍ରଙ୍କ ମୂଳ କାହାଣୀରୁ ଅନୁଦିତ ହୋଇଛି ଏହି ଫିଲ୍ମର କାହାଣୀ।



ଜଣେ ପିତା ଓ ପୁତ୍ର ମଧ୍ୟରେ ଘଟିଯାଇଥିବା ଏକ ସତ୍ୟ ଘଟଣା ଉପରେ କାହାଣୀଟି ଆଧାରିତ। ସ୍ୱଚ୍ଛ, ନିର୍ଦ୍ଦୋଷ କାହାଣୀର କଥନ, ଦମଦାର ଭିଜୁଆଲ୍ ଓ ଫିଲ୍ମରେ ଶାସ୍ତ୍ରୀୟ ସ୍ପର୍ଶ କଳାତ୍ମକ ସ୍ୱାଦକୁ ବୃଦ୍ଧି କରିଛି। ପିଢ଼ି ପରେ ପିଢ଼ି ଫିଲ୍ମର କାହାଣୀଟି ସମସ୍ତଙ୍କ ହୃଦୟକୁ ଯେ ସ୍ପର୍ଶ କରିବ, ଏହି ଆଶା ରଖିଛନ୍ତି ନିର୍ମାତାମାନେ। ସାମାଜିକ ଚାଲିଚଳଣି, ନୈତିକତା, ନ୍ୟାୟ, ମୁକ୍ତି ଓ ତ୍ୟାଗର ମୂଲ୍ୟବୋଧକୁ ନେଇ ପ୍ରସ୍ତୁତ ଫିଲ୍ମଟି ରାଜ୍ୟ ପାଇଁ ଆଣିଛି ଗର୍ବ ଓ ଗୌରବ। ତେବେ ନିକଟରେ ଆୟୋଜିତ ହୋଇଥିବା ପ୍ରେସ୍‌ମିଟ୍‌ରେ ପୂରା ଫିଲ୍ମର ଟିମ୍ ଯୋଗ ଦେଇଥିଲେ।

## 'ଦାଦା'ର ଫାର୍ଷ୍ଟ ଲୁକ୍ ଜାରି



କ୍ରିକେଟ୍ ଜଗତର ସବୁଠାରୁ ଜଣାଶୁଣା ଓ ପ୍ରସିଦ୍ଧ ଖେଳାଳିଙ୍କ ମଧ୍ୟରୁ ଅନ୍ୟତମ ସୌରଭ ଗାଙ୍ଗୁଲିଙ୍କୁ ତାଙ୍କ ଜନ୍ମଦିନରେ ମିଳିଛି ଏକ ସରପ୍ରାଇଜ୍ ଗିଫ୍ଟ। ଅନେକ ଦିନ ହେଲାଣି ତାଙ୍କ ଜୀବନୀ ଉପରେ ଆଧାରିତ ବାୟୋପିକ୍ 'ଦାଦା: ଦ ସୌରଭ ଗାଙ୍ଗୁଲି ଷ୍ଟୋରୀ' ଚର୍ଚ୍ଚାରେ ରହିଛି, ଯେଉଁଥିରେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଅଭିନେତା ରାଜକୁମାର ରାଓ ଓ ତାନୟା ମାନିକ୍‌ତାଲା। ଏହା ମଧ୍ୟରେ ଫିଲ୍ମର ଫାର୍ଷ୍ଟ ଲୁକ୍ ଜାରି କରାଯାଇଛି ସୌରଭଙ୍କ ଜନ୍ମଦିନ ଅବସରରେ। ରାଜକୁମାର ରାଓ ମଧ୍ୟ ଏକ ପୋଷ୍ଟ ଶେୟାର କରି ସୌରଭଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଫିଲ୍ମଟି ଅନେକ ଯୁବ କ୍ରିକେଟରଙ୍କ ପାଇଁ ପ୍ରେରଣା ଭାବେ କାମ କରିବା ସହିତ ସେମାନଙ୍କୁ ନୂଆ ଶିକ୍ଷା ମଧ୍ୟ ଦେବ। ଏହି ଖାସ୍ ଫିଲ୍ମଟିକୁ ବିକ୍ରମାଦିତ୍ୟ ମୋଟ୍‌ୱାନେ ନିର୍ଦ୍ଦେଶନା ଦେଇଥିବା ବେଳେ ଫିଲ୍ମଟିକୁ ନିର୍ମାଣ କରିଛନ୍ତି ଲଭ୍ ରଞ୍ଜନ ଓ ଅଙ୍କୁର ଗର୍ଗ। ଗୁଲଶନ କୁମାର, ଭୂଷଣ କୁମାର, ଟି-ସିରିଜ୍ ଓ ଟିବିଏଲ୍ ବ୍ୟାନର ଅନ୍ତର୍ଗତ ଫିଲ୍ମଟିର ନିର୍ମାଣ କରାଯାଉଛି। ତେବେ ଆସନ୍ତା ବର୍ଷ ୧୫ ମେ'ରେ ଫିଲ୍ମଟିକୁ ରିଲିଜ୍ କରାଯିବ। ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ରାଜକୁମାର ରାଓଙ୍କ ହାତରେ ରହିଛି ଲିଗାଲ୍ ଡ୍ରାମା 'ପ୍ରହାର', ଯେଉଁଠି ଏ ବର୍ଷ ଅଗଷ୍ଟ ୭ ତାରିଖରେ ରିଲିଜ୍ ହେବ।



Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ